# ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସ୍ମୃତିଚାରଣ

ତାଳଚେର,୨୮।୪(ସମିସ):



ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ତୀ ଆଜି ତାଳଚେରଠାରେ ପାଳିତ ହୋଇଯାଇଛି। ସହରର ବିଭିନ୍ନ ସ୍ଥାନରେ ଥିବା ପ୍ରତିମୂର୍ତ୍ତିରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କରିବା ସହ ତାଙ୍କର ସ୍ମୃତି ଚାରଣ କରଯାଇଥିଲା। ତାଳଚେର କୋର୍ଟ ପରିସରରେ ତାଳଚେର ଓକିଲ ସଂଘ ପକ୍ଷରୁ କର୍ମକର୍ତ୍ତା ଓ ଆଇନଜୀବୀ ମାଲ୍ୟାର୍ପଣ କରିଥିଲେ। ଢେଙ୍କାନାଳ ପୂର୍ବତନ ସାଂସଦ ମହେଶ ସାହୁ କୋର୍ଟ ପରିସରସ୍ଥ ପ୍ରତିମୂର୍ତ୍ତି, ତାଳଚେର କଲେଜ ଓ ଦେଉଳବେଡ଼ା ଆଗେଇବା କାର୍ଯ୍ୟାଳୟରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ତାଳଚେର ଦେଉଳ ବେଡ଼ାସ୍ଥିତ ଆଗେଇବା କାର୍ଯ୍ୟଳୟରେ ଆମ ପ୍ରତିଭା ଆମ ପରିଚୟ, ଆଗେଇବା ପରିବାର ଓ ତାଳଚେର ପୂଜ୍ୟପୂଜା ସଂସଦର କର୍ମକର୍ତ୍ତାମାନେ ମିଳିତ ଭାବେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପୂର୍ବତନ ସାଂସଦ ମହେଶ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତାଳଚେର କଲେଜର ଅଧ୍ୟକ୍ଷ ମେଜର ସୁବ୍ରତ କୁମାର ଦାସ ଓ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ। କୋର୍ଟ ପରିସରରେ ପୂର୍ବତନ ସ୍ୱତନ୍ତ୍ର ସରକାରୀ ଓକିଲ ଗିରିଜା ଶଙ୍କର ମିଶ୍ର, ନିର୍ମଳ ତ୍ରିପାଠୀ, ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ପାତ୍ର, ସାମ୍ବାଦିକ ତପନ କୁମାର ମହାରଣା, ପୂର୍ବତନ ନଗରପାଳ କେଶବ ଭୂତିଆ, ରାଜକିଶୋର ସାହୁ, ସୁନ୍ଦର ପ୍ରଧାନ, ଓକିଲ ସଂଘର ପୂର୍ବତନ ସଭାପତି ସନ୍ତୋଷ ସାହୁ, ରାଜେନ୍ଦ୍ର ସିଂ, କୁଶ ବିହାରୀ ସାମଲ, ରମେଶ ବେହେରା, ଲିପୁ ରଥ, ସନୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## କିଶୋରନଗର

କିଶୋରନଗର ସ୍ନାତକ ମହାବିଦ୍ୟାଳୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ ଯୋଗଦେଇ ଦୂରଦ୍ରଷ୍ଟା ମଧୁବାବୁଙ୍କ ଉତ୍କଳ ସମ୍ମିଳନୀ ଗଠନରେ ଭୂମିକା, ଆଇନ ପେସାରେ ମଧୁପଣିଆର ପ୍ରାସଙ୍ଗିକତା ଓ ମଧୁବାବୁ କିପରି ସର୍ବଶ୍ରେଷ୍ଠ ତାର୍କିକ ଥିଲେ ତାହା ବର୍ଣ୍ଣନା କରିଥିଲେ। ଅନ୍ୟତମ ଅତିଥି ରୂପେ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ, ଅଧ୍ୟାପିକା ବୀଣାପାଣି ସାହୁ, ଅଧ୍ୟାପକ ତରଣୀସେନ ସାହୁ, ଅଧ୍ୟାପିକା ରୋଜାଲିନ ପ୍ରଧାନ ଯୋଗଦେଇଥିଲେ।



ଛାତ୍ରୀ ବିଦୁସ୍ମିତା ବିଶ୍ୱାଳ, ଅଙ୍କିତା ପ୍ରଧାନ ମଧୁବାବୁ ଓ ସ୍ୱାଭିମାନୀ ଓଡ଼ିଶା ଉପରେ ପ୍ରବନ୍ଧ ରଚନା କରିଥିଲେ। ରାଜେଶ ଦଣ୍ଡିଆ ସ୍ୱାଗତ ସଂଗୀତ ଗାନ କରିଥିଲେ। ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ପୁରୁଷୋତ୍ତମ ସାହୁ ଧନ୍ୟବାଦ ଅର୍ପଣ କରିଥିଲା ବେଳେ ଶୁଭଶ୍ରୀ ବିଶ୍ୱାଳ, ଅମ୍ବିକା ବେହେରା, ସୁଶାନ୍ତ ରାଉଳ, ବାଦଲ ସାହୁ ଓ ଅନ୍ୟାନ୍ୟ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ଆଠମଲ୍ଲିକ ଓକିଲ ସଂଘ



ଆଠମଲ୍ଲିକ ଓକିଲସଂଘ ପକ୍ଷରୁ ମଙ୍ଗଳବାର ୧୭୮ତମ ମଧୁଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ରଞ୍ଜନ କୁମାର ସୂତାର ଓ ସମ୍ମାନିତ ଅତିଥିଭାବେ ଏସ୍‌ଡିଜେଏମ୍ ସିଙ୍କୁନ ରାୟ ଯୋଗ ଦେଇଥିଲେ। ଓକିଲସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ କାର୍ଯ୍ୟାଳୟ ସମ୍ମୁଖରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟଅତିଥି ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଶ୍ରୀ ସୂତାର, ସମ୍ମାନିତ ଅତିଥି ଏସ୍‌ଡିଜେଏମ୍ ଶ୍ରୀମତୀ ରାୟ, ଓକିଲ ସଂଘ ସଭାପତି ଶ୍ରୀ ମହାପାତ୍ର, ସମ୍ପାଦକ ଜିତେନ୍ଦ୍ର କୁମାର ମୁଖି, ଉପସଭାପତି ଉଗ୍ରସେନ ସେଠୀ, କୋଷାଧ୍ୟକ୍ଷ ସୁନୀଲ ଶାସନିଙ୍କ ସମେତ ଉପସ୍ଥିତ ଆଇନଜୀବୀମାନେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଓକିଲସଂଘର ବରିଷ୍ଠ ଆଇନଜୀବୀ ଅସିତ ରଞ୍ଜନ ଦେଓ, ଯଜ୍ଞେଶ୍ୱର ପ୍ରଧାନ ଓ ଜିତେନ୍ କୁମାର ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଓକିଲସଂଘ ସମ୍ପାଦକ ଜିତେନ୍ଦ୍ର କୁମାର ମୁଖି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ପବ୍ଲିକ ପ୍ରସକ୍ୟୁଟର ରାଜେଶ କୁମାର ମିଶ୍ର, ସରକାରୀ ଓକିଲ ବିଦ୍ୟୁତ କୁମାର ପାଣିଗ୍ରାହୀ, ଭବାନୀ ପ୍ରସାଦ ଜ୍ୟୋତିଷରାୟ, ଅର୍ଜୁନ ରାଉଳ, ଅନ୍ତର୍ଯ୍ୟାମୀ ରାଉଳ, ଅତିରିକ୍ତ ସରକାରୀ ଓକିଲ ପୀତବାସ ସାହୁ, ଆଇନଜୀବୀ ବାମନ କୁମାର ମିଶ୍ର, ବିଜୟ କୁମାର ମହାକୁଡ଼, ରାମଚନ୍ଦ୍ର କର୍ଣ୍ଣ, ଅଲେଖ ଚନ୍ଦ୍ର କର୍ମୀ, ଦୀନେଶ କୁମାର ସିଂ ପ୍ରମୁଖ ଯୋଗ ଦେଇଥିଲେ।

● ରାଜ୍ୟସ୍ତରୀୟ ତାଇକ୍ୱୋଣ୍ଡୋ ପ୍ରତିଯୋଗିତା

# ଅନୁଗୋଳକୁ ୮ ସ୍ୱର୍ଣ୍ଣ ସହ ୧୮ ପଦକ



ଅନୁଗୋଳ,୨୮।୪(ସମିସ): ରାଜ୍ୟସ୍ତରୀୟ ଇଣ୍ଟର ସ୍କୁଲ୍ ତାଇକ୍ୱୋଣ୍ଡୋ ପ୍ରତିଯୋଗିତା ଭୁବନେଶ୍ୱର ବୁଦ୍ଧ ମନ୍ଦିର ଠାରେ ଅନୁଷ୍ଠିତ ହେଇଥିଲା। ଏଥିରେ ଅନୁଗୋଳ ଜିଲ୍ଲାକୁ ୮ ସ୍ୱର୍ଣ୍ଣ ସହ ୧୮ ପଦକ ମିଳିଛି। ପ୍ରତିଯୋଗିତାରେ ଅନୁଗୋଳ ଜିଲ୍ଲାରୁ ୧୪ ଜଣ ବାଳିକା ଓ ୪ ଜଣ ବାଳକ ଭାଗ ନେଇଥିଲେ। ଏହି ସଫଳତା ପାଇଁ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ, ସଂଘ ସଭାପତି ନୀଳମଣି ରାଉତ, ଉପସଭାପତି ଶକ୍ତି ପ୍ରସାଦ ପଟ୍ଟନାୟକ, ପର୍ଶୁରାମ ଦାଶ, ଉପଦେଷ୍ଟା ଓ ଆଇନଜୀବୀ ପ୍ରଦୀପ କୁମାର ଦେବତା ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଖେଳାଳିମାନଙ୍କୁ ତାଇକ୍ୱୋଣ୍ଡୋ ପ୍ରତିଷ୍ଠାତା ଓ ସମ୍ପାଦକ ଦୁଷ୍ମନ୍ତ କୁମାର ଛାତ୍ରଛାତ୍ରୀଙ୍କୁ ନେଇ ଭୁବନେଶ୍ୱର ଯାତ୍ରା କରିଥିଲେ।

# ଚନ୍ଦନ ଯାତ୍ରାରେ ମନମୋହିଲା ଭଜନ ସନ୍ଧ୍ୟା



ଖାମାର,୨୮।୪(ସମିସ): ପାଲଲହଡ଼ା ବ୍ଲକ ଖମାର ଆଞ୍ଚଳିକ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି, ଖମାର ଗ୍ରାମବାସୀ ଓ ଯୁବକ ସଂଘର ମିଳିତ ଆନୁକୂଲ୍ୟରେ ଚନ୍ଦନ ଯାତ୍ରା ଆୟୋଜିତ ହେଉଛି। ଏହି ଅବସରରେ ଦ୍ୱିତୀୟ ସନ୍ଧ୍ୟାରେ ଭଜନ କୈବଲ୍ୟ ପସରା, ନିମାପଡ଼ା ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା। ଏହାକୁ ଦେଖିବାକୁ ଆଖପାଖ ଅଞ୍ଚଳର ଦର୍ଶକଙ୍କ ଭିଡ଼ ହୋଇଥିଲା। ସବୁଦିନ ପରି ପ୍ରଭୁ ମଦନମୋହନ, ମା' ଶ୍ରୀଦେବୀ, ଭୂଦେବୀ ଚାପ ଖେଳିବାକୁ ଚନ୍ଦନ ପୋଖରୀକୁ ଯାଇଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବିଜେଡି ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଯୋଗଦାନ କରି ମନ୍ଦିରର ଯଜ୍ଞ ମଣ୍ଡପ ଓ ଅତିଥି ଭବନ ନିର୍ମାଣ ପାଇଁ ସହାୟତା ରାଶି ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ରଜନୀକାନ୍ତ ସିଂ, ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁ, ପୂର୍ବତନ ବିଧାୟକ ମୁକେଶ ପାଲ, ସମାଜସେବୀ ଡକ୍ଟର ଅବିନାଶ ସାମଲ, କୁନୁବିହାରୀ ଦାସ, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ରଶ୍ମିତା ସେଠୀ, ଗ୍ରାମ୍ୟ କମିଟି ସଭାପତି ପରମାନନ୍ଦ ସାହୁ, ଯୁବ କଂଗ୍ରେସ ସଭାପତି ଲକ୍ଷ୍ମୀଧର ବିଶ୍ୱାଳ, ମନ୍ଦିର ପରିଚାଳନା କମିଟି ସଭାପତି ପ୍ରସନ୍ନ କୁମାର ସାହୁ, କୈଳାସ ସାହୁ, ସନ୍ତୋଷ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଡେରଙ୍ଗ ଚନ୍ଦନ ଯାତ୍ରାରେ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା



କଣିହାଁ,୨୮।୪(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ୍ ଡେରଙ୍ଗ ଗ୍ରାମରେ ୭୬ତମ ବାର୍ଷିକ ରାଧାକୃଷ୍ଣ ଚନ୍ଦନ ଯାତ୍ରା ମହୋତ୍ସବ ଆୟୋଜିତ ହୋଇଛି। ଏହି ଅବସରରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଗତ ରବିବାର ଚନ୍ଦନ ଯାତ୍ରା ପଡ଼ିଆରେ ଆୟୋଜିତ ଏହି ସଭାରେ ଗ୍ରାମର ବରିଷ୍ଠ ନାଗରିକ, ଅବସରପ୍ରାପ୍ତ କର୍ମଚାରୀ ଓ ବିଭିନ୍ନ କ୍ଷେତ୍ରର ସେବାମୂଳକ ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା। ୧୯୫୦ ମସିହା ଠାରୁ ଗ୍ରାମରେ ଚନ୍ଦନ ଯାତ୍ରା ପାଳିତ ହେଉଛି। ଗ୍ରାମର ସ୍ୱର୍ଗତ ଚକ୍ରଧର ସାହୁ, ବୃନ୍ଦାବନ ସାହୁ, ଭୀମ ସେନ ସାହୁ, ଉଛବ ବେହେରା, ନୀଳମଣି ସାହୁ ଓ ଭାଗୀରଥି ସାହୁଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା।

ଏହି ଅବସରରେ ଡାକ୍ତର, ଇଞ୍ଜିନିୟର, ଆଇନ ପରାମର୍ଶଦାତା, ସାମ୍ବାଦିକ, ପୁଲିସ, ସେନାବାହିନୀ ଓ ସମାଜସେବୀ ସହିତ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଓ ଅବସରପ୍ରାପ୍ତ ବ୍ୟକ୍ତିମାନଙ୍କୁ ମଞ୍ଚରେ ସମ୍ମାନିତ କରାଯାଇଥିଲା। ସୁପରିଚାଳନା ପାଇଁ ଆଇଆଇସି ରମଣୀ ରଞ୍ଜନ ଦଳେଇ ଓ ଏସ୍‌ଆଇ ଜ୍ଞାନରଞ୍ଜନ ବେହେରାଙ୍କୁ ମଧ୍ୟ ସମ୍ମାନ କରାଯାଇଥିଲା। ଏହି ଉତ୍ସବ ଚାରି ଦିନ ଧରି ଚାଲିଥିଲା। ଗ୍ରାମସଭାପତି ପ୍ରଶ୍ନ ନାୟକଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ସୁଜିତ ସାହୁ ଓ କୋଷାଧ୍ୟକ୍ଷ ଦୀପକ ବେହେରାଙ୍କ ସହଯୋଗରେ ଏହି ସଭା ପରିଚାଳିତ ହୋଇଥିଲା।

# ମାଲିକ ନଜାଣି ଜମିର ମାଲିକାନା ପରିବର୍ତ୍ତନ

ତାଳଚେର,୨୮।୪(ସମିସ): ତାଳଚେର ବ୍ଲକ୍ ଅନ୍ତର୍ଗତ କଙ୍କିଳି ଗ୍ରାମାଞ୍ଚଳରେ ଏକ ଚାଞ୍ଚଲ୍ୟକର ଜମି ଜାଲିଆତି ମାମଲା ପଦାକୁ ଆସିଛି। ସ୍ୱର୍ଗତ ଶଶୀ ପ୍ରଧାନଙ୍କ ନାମରେ ଥିବା ଏକ ମୂଲ୍ୟବାନ୍ ଜମିକୁ ହଡ଼ପ କରିବାକୁ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଏକ ବଡ଼ଧରଣର ଷଡ଼ଯନ୍ତ୍ର ରଚିଥିଲେ। ଆଶ୍ଚର୍ଯ୍ୟର କଥା ହେଉଛି, ଜାଲିଆତି କରିଥିବା ବ୍ୟକ୍ତିମାନେ ଜମିକୁ ଅନ୍ୟ କାହାକୁ ନବିକି ନିଜ ପରିବାର ଓ ସମ୍ପର୍କୀୟଙ୍କ ନାମରେ ରେଜିଷ୍ଟ୍ରି କରିଦେଇଛନ୍ତି। ନିୟମ ଅନୁଯାୟୀ ଶଶି ପ୍ରଧାନଙ୍କ ମୃତ୍ୟୁପରେ ତାଙ୍କର ପୁଅ ଓ ଝିଅ ଏହି ଜମିର ପ୍ରକୃତ ଉତ୍ତରାଧିକାରୀ। ଏହି ଜମିର ଗଙ୍ଗାଧର ପ୍ରଧାନ, ଗୋଲେଖ ପ୍ରଧାନ, ରମାବତୀ ବେହେରା ଏବଂ ଯମୁନା ସାହୁ ଜମିର ମାଲିକ ହୋଇଥିଲେ ମଧ୍ୟ ସେମାନେ ଉକ୍ତ ଜମିର ରେଜିଷ୍ଟ୍ରେସନ ବିଷୟରେ କୌଣସି ସୂଚନା ନପାଇ କିପରି ଭାବେ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଜମିଟିକୁ ଅନ୍ୟ ନାମରେ ପଞ୍ଜିକୃତ କରିଦେଲେ ତାହା ଏବେ ସନ୍ଦେହ ଘେରରେ ରହିଛି। ସେମାନେ ତହସିଲଦାରଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ ଏହା ଉପରେ କୌଣସି ପଦକ୍ଷେପ ନେବା ପରିବର୍ତ୍ତେ କିଛନ୍ତି ଯେ, ତୁମେ ଯାଅ ସିଭିଲ କେସ୍ କର। ତେବେ ଗୋଟିଏ ଗରିବ ଲୋକ ତାର ଆଇନଗତ ହକକୁ ହରାଇ ବସିଥିବା ବେଳେ ତହସିଲଦାରଙ୍କ ଏ ପ୍ରକାର ଉତ୍ତରକୁ ନେଇ ପରିବାର ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି। କେସ୍ ପାଇଁ ଅର୍ଥ କେଉଁଠାରୁ ଯୋଗାଡ଼ କରିବେ ତାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ସଂପୃକ୍ତ ପରିବାର। ତେବେ ଏହା ଏକ ସିଧାସଳଖ ଭାବେ ସୁପରିକଳ୍ପିତ ଷଡ଼ଯନ୍ତ୍ର ହୋଇଥିବା ବେଳେ ବର୍ତ୍ତମାନ ମାଲିକମାନେ କିଭଳି ନ୍ୟାୟ ପାଇବେ ବୋଲି ପ୍ରଶ୍ନ କରିଛନ୍ତି। ତେବେ ଏହାର ତଦନ୍ତ କରି ପ୍ରକୃତ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ହେଉଛି। ଏ ସମ୍ପର୍କରେ ତହସିଲଦାରଙ୍କୁ ଯୋଗଯୋଗ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବପର ହୋଇପାରି ନାହିଁ।

# ଜନଶିକ୍ଷା ସଂସ୍ଥାନ ପକ୍ଷରୁ ଦକ୍ଷତା ପ୍ରମାଣପତ୍ର ବିତରଣ



କଣିହାଁ,୨୮।୪(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ୍ ବିଜିଗୋଳ ଗ୍ରାମପଞ୍ଚାୟତ କନଫରେନ୍ସ ହଲ ପରିସରରେ ମଙ୍ଗଳବାର ଦକ୍ଷତା ପ୍ରମାଣପତ୍ର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଗୁଳ ଜିଲ୍ଲା ଜନଶିକ୍ଷା ସଂସ୍ଥାନ ଅଧୀନରେ ବିଜିଗୋଳ ଉପକେନ୍ଦ୍ର ପକ୍ଷରୁ ଆଜି ପୂର୍ବାହ୍ଣରେ ୮୦ଜଣ ଶିକ୍ଷିତ ଯୁବକ ଯୁବତୀଙ୍କୁ ଆସିଷ୍ଟାଣ୍ଟ କମ୍ପ୍ୟୁଟର ଅପରେଟର ଓ ବ୍ୟୁଟି କେୟାର ସମ୍ପର୍କିତ ଦକ୍ଷତା ପ୍ରମାଣପତ୍ର ପ୍ରଦାନ କରାଯାଇଛି। ବିଜିଗୋଳ ସରପଞ୍ଚ ରୁକ୍ମିଣୀ ପ୍ରଧାନ ମୁଖ୍ୟଅତିଥି, ଏନ୍‌ଟିପିସି ଡାକ୍ତର ଶାନ୍ତନୁ କୁମାର ସାହୁ, ସାମାଜିକ କର୍ମୀ ସତ୍ୟାନନ୍ଦ ପ୍ରଧାନ, ଯୁବ ସଂଗଠକ ସୁଲେନ କୁମାର ଧର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦକ୍ଷତା ପ୍ରମାଣ ପତ୍ର ବିତରଣ କରିଥିଲେ। କେନ୍ଦ୍ର ସରକାରଙ୍କ କୌଶଳ ବିକାଶ ମନ୍ତ୍ରାଳୟ ଅଧୀନରେ ଅନୁଗୋଳ ଜିଲ୍ଲା ଜନଶିକ୍ଷା ସଂସ୍ଥାନ ଅଧୀନରେ ବିଜିଗୋଳ ଉପକେନ୍ଦ୍ର ଦୁଇବର୍ଷ ମଧ୍ୟରେ ୨୫୦ରୁ ଊର୍ଦ୍ଧ୍ୱ ଯୁବକ ଯୁବତୀ ଉପକୃତ ହୋଇଛନ୍ତି। ଯୁବକ ଯୁବତୀମାନେ ସ୍ୱାବଲମ୍ବୀ ହେବା ସହିତ ସେମାନଙ୍କର ଆର୍ଥିକ ସ୍ଥିତିରେ ମଧ୍ୟ ଉନ୍ନତି ଘଟିଛି। ପ୍ରଶିକ୍ଷକ ଜଗଦୀଶ ପାଣି, ଶୁଭଶ୍ରୀ ସାମଲ, ଶିବରାମ ନାହାକ, ଶଙ୍କର୍ଷଣ ସୁବୁଦ୍ଧି ପ୍ରମୁଖ ସହଯୋଗ କରିଥିଲେ।

# କେନାଲରେ ପଡ଼ି ଗୟଳ ମୃତ

କିଶୋରନଗର,୨୮।୪(ସମିସ): ଜଙ୍ଗଲରୁ ଚାଲିଆସି ଆଠମଲ୍ଲିକ ଉପଖଣ୍ଡ ମାନଯୋର ଜଳସେଚନ କେନାଲରେ ପଡ଼ି ଏକ ଗୟଳର ମୃତ୍ୟୁ ଘଟିଛି। ଆଜି ସକାଳେ ମାନଯୋର ପ୍ରକଳ୍ପର ସୋରିଷପଙ୍କ-ନୂଆଗାଁ ମୁଖ୍ୟ କେନାଲରେ ଏହି ଗୟଳଟି ପଡ଼ିଯାଇ ଆଉ ବାହାରକୁ ବାହାରିପାରି ନଥିଲା। ଖବର ପାଇ ବନବିଭାଗ ଓ ଦମକଳବାହିନୀ ଉଦ୍ଧାର କରିବାକୁ ଆସି ବହୁ ଉଦ୍ୟମ ପରେ ବିଫଳ ହୋଇଥିଲେ। ଏପରିକି ଉଦ୍ଧାରବେଳେ ଗୟଳ ବେକରେ ରଶି ଚାପି ହୋଇ ମୃତ୍ୟୁ ହୋଇଯାଇଥିଲା। ଫଳରେ ଗୟଳଟିର ମୃତ୍ୟୁ ହୋଇଯାଇଥିଲା।




# ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା



ଅନୁଗୋଳ,୨୮।୪(ସମିସ): ସ୍ଥାନୀୟ ଗାନ୍ଧିମାର୍ଗସ୍ଥିତ ଅନୁଗୋଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଆଜି ଠାରୁ ତିନି ଦିନ ବ୍ୟାପୀ ହେବାକୁ ଥିବା ଅନୁଗୋଳ ସଙ୍କୁଳର ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଶିକ୍ଷା ବିକାଶ ସମିତି ଓଡ଼ିଶାର ପ୍ରାକ୍ତନ ନିରୀକ୍ଷକ ପ୍ରସନ୍ନ କୁମାର ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ସହ ପ୍ରଧାନ ଆଚାର୍ଯ୍ୟ ସୁରେଶ କୁମାର ସାହୁ ଅତିଥିଙ୍କ ପରିଚୟ ସହିତ ବିବିଧ ସୂଚନା ପ୍ରଦାନ କରିଥିଲେ। ଅନୁଗୋଳ ସଙ୍କୁଳ ପ୍ରମୁଖ କାଶୀନାଥ ବେହେରା କାର୍ଯ୍ୟଶାଳାର ଆଭିମୁଖ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଡ ସୁଧାକର ପାଳ, ଉପ ସଭାପତି କ୍ଷୀରୋଦ ଚନ୍ଦ୍ର ପ୍ରଧାନ, ଅନୁଗୋଳ ବିଭାଗ ନିରୀକ୍ଷକ ବିରଞ୍ଚି ନାରାୟଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟଶାଳା ତିନି ଦିନ ବ୍ୟାପୀ ଚାଲିବା ସହିତ ପଞ୍ଚପଦୀ ଶିକ୍ଷା ପଦ୍ଧତି ଉପରେ କାର୍ଯ୍ୟଶାଳା ହେବ। ରାଷ୍ଟ୍ରୀୟ ନୂତନ ଶିକ୍ଷାନୀତିର କ୍ରିୟାନ୍ୱୟନ ହେବ। ଶେଷରେ +୨ ବିଜ୍ଞାନ ଅଧ୍ୟକ୍ଷ ଡ ସିଦ୍ଧନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟଶାଳାରେ ଅନୁଗୋଳ, ବଣ୍ଟରପାଳ, ମହିଧରପୁର, ତଳମୂଳ, ବନ୍ଧଳ। ଓ ବାରଗୌନିଆ ଶିଶୁ ମନ୍ଦିରରୁ ମୋଟ ୧୫୩ ଜଣ ଗୁରୁଜୀ ଗୁରୁମା ଉପସ୍ଥିତଥିଲେ।

# ହୃଦ୍‌ଘାତରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ



ବଣ୍ଟରପାଳ,୨୮।୪(ସମିସ): କଣ୍ଟାବଣିଆ ଥାନା ନିକଟସ୍ଥ ନରେନ୍ଦ୍ରପୁର ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବଂଶୀଧର ସାହୁ (୭୦)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଛି। ସେ ଗତକାଲି ରାତିରେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ମାତ୍ର ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତ୍ୟୁବେଳକୁ ତାଙ୍କ ମା, ଦୁଇ ପୁଅ, ବୋହୂ ଓ ଦୁଇଝିଅ ନାତିନାତୁଣୀ ଓ ସମ୍ପର୍କୀୟ ଉପସ୍ଥିତ ଥିଲେ। ମଙ୍ଗଳପୁର ହାଇସ୍କୁଲର ପୂର୍ବତନ ଶିକ୍ଷକ ଶିକ୍ଷୟିତ୍ରୀ ଓ ବର୍ତ୍ତମାନର ଶିକ୍ଷକ ଶିକ୍ଷୟତ୍ରୀ ଏବଂ ଛାତ୍ରଛାତ୍ରୀ ତାଙ୍କ ବାସ ଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପୂର୍ବତନ ବିଧାୟକ ସୁଧୀର ସାମଲ, ସାମାଜସେବୀ ଗଙ୍ଗାଧର ସାମଲ ଓ ରମେଶ ସାମଲ ତାଙ୍କ ବିୟୋଗରେ ଶୋକ ବ୍ୟକ୍ତ କରିଛନ୍ତି।

# ଆଇନଜୀବୀ ପରମାନନ୍ଦ ମିଶ୍ରଙ୍କୁ ଗ୍ଲୋରି ଅଫ୍ ଇଣ୍ଡିଆ ସହ ଗୋଲ୍ଡ ମେଡାଲ ପ୍ରଦାନ



ଅନୁଗୋଳ,୨୮।୪(ସମିସ): ଅନୁଗୋଳ ଜିଲ୍ଲାର ବରିଷ୍ଠ ଆଇନଜୀବୀ ତଥା ସମାଜସେବୀ ଡ. ପରମାନନ୍ଦ ମିଶ୍ର ବ୍ୟାଙ୍କକର ଏକ ହୋଟେଲରେ ଆୟୋଜିତ ସ୍ଥାୟୀ ଆର୍ଥିକ ବିକାଶ ଓ ଭାରତ ଥାଇଲାଣ୍ଡ କୌଶଳିକ ସହଯୋଗ ଅନ୍ତର୍ଜାତୀୟ ସମ୍ମିଳନୀରେ ଗତ ୨୭ ତାରିଖରେ ଯୋଗ ଦେଇଥିଲେ। ଏହି ଅବସରରେ ଆସୋସିଏସନ୍ ଅଫ୍ ଇକୋନୋମିକ ଗ୍ରୋଥ ଇଣ୍ଡିଆ ପକ୍ଷରୁ ଡ. ମିଶ୍ରଙ୍କୁ ଗ୍ଲୋରି ଅଫ ଇଣ୍ଡିଆ ସହ ଗୋଲଡ୍ ମେଡାଲ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ନେସନ ବିଲ୍‌ଡିଂ ଇନଷ୍ଟିଟ୍ୟୁଟ୍‌ର ଅଧ୍ୟକ୍ଷ ତଥା ସଂସଦ ସଦସ୍ୟ ଥାଇଲାଣ୍ଡ ସରକାର ପ୍ରଫେସର ଡ. କେସି ଦାନ, ଡ. ପରମାନନ୍ଦ ମିଶ୍ରଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ।

‘ଜୀବେଦୟା କାର୍ଯ୍ୟକ୍ରମ’

# ଅନୁଗୋଳ ବନଖଣ୍ଡ ପକ୍ଷରୁ କମ୍ବିଂ ଅପରେସନ



ଅନୁଗୋଳ,୨୮।୪(ସମିସ): ଅନୁଗୋଳ ବନଖଣ୍ଡରେ ବନ୍ୟପ୍ରାଣୀ ସୁରକ୍ଷା ଓ ଶିକାରୀଙ୍କ ପ୍ରାଦୁର୍ଭାବ ରୋକିବା ପାଇଁ ବନ ବିଭାଗ ପକ୍ଷରୁ ବ୍ୟାପକ କମ୍ବିଂ ଅପରେସନ ଆରମ୍ଭ ହୋଇଛି। ‘ଜୀବେଦୟା’ କାର୍ଯ୍ୟକ୍ରମ ଅଧୀନରେ ଗତ ୨୮ ଏପ୍ରିଲ ୨୦୨୬ରେ ଅନୁଗୁଳ ଡିଏଫ୍‌ଓଙ୍କ ତତ୍ତ୍ୱାବଧାନରେ ଏହି ସ୍ପେଶାଲ ଡ୍ରାଇଭ କରାଯାଇଥିଲା। ବନଖଣ୍ଡର ସମସ୍ତ ରେଞ୍ଜରେ ଏକକାଳୀନ ହୋଇଥିବା ଏହି ଅପରେସନରେ ରେଞ୍ଜ ଅଫିସର, ଫରେଷ୍ଟର, ବନରକ୍ଷୀ, ସ୍କ୍ୱାଡ୍ ସଦସ୍ୟ ଏବଂ ଗଜ ମିତ୍ରମାନେ ସାମିଲ ହୋଇଥିଲେ। ବିଭିନ୍ନ ସନ୍ଦିଗ୍ଧ ସ୍ଥାନରେ ଚଢ଼ଉ ଓ ସର୍ଚ୍ଚ ଅପରେସନ କରାଯାଇ ବନ୍ୟପ୍ରାଣୀ ଶିକାର, ଜବରଦଖଲ ଏବଂ ବେଆଇନ କାଠ ଚୋରା ଚାଲାଣ ରୋକିବାକୁ ଗୁରୁତ୍ୱ ଦିଆଯାଇଛି। ବନ୍ୟପ୍ରାଣୀଙ୍କ ରୋଗ ନିରାକରଣ ଓ ପରିବେଶର ସନ୍ତୁଳନ ରକ୍ଷା କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। କର୍ତ୍ତବ୍ୟନିଷ୍ଠା ସହ କାର୍ଯ୍ୟ ସମ୍ପାଦନ କରିଥିବାରୁ ବିଭାଗ ପକ୍ଷରୁ ‘ଗ୍ରୀନ୍ ୱାରିୟର୍ସ’ ବା ସବୁଜ ଯୋଦ୍ଧାମାନଙ୍କୁ ଉଚ୍ଚ ପ୍ରଶଂସା କରାଯାଇଛି। ବନ୍ୟଜନ୍ତୁ ସୁରକ୍ଷା ଓ ଜୈବ ବିବିଧତା ବଜାୟ ରଖିବାକୁ ବନ ବିଭାଗ ଏଭଳି ପଦକ୍ଷେପ ଜାରି ରଖିବ ବୋଲି ସୂଚନା ମିଳିଛି।

# ଉପ ଜିଲ୍ଲାପାଳଙ୍କ ଅଚାନକ ତହସିଲ କାର୍ଯ୍ୟାଳୟ ପରିଦର୍ଶନ, କର୍ମଚାରୀ ଛାନିଆ

ଗଁଦିଆ,୨୮।୪(ସମିସ)




ଢେଙ୍କାନାଳ ଜିଲ୍ଲା ଗଁଦିଆ ତହସିଲ କାର୍ଯ୍ୟାଳୟରେ ଆଜି ସକାଳୁ ସକାଳୁ ଉପ ଜିଲ୍ଲାପାଳଙ୍କୁ ଦେଖି କର୍ମଚାରୀଙ୍କ ମଧ୍ୟରେ ଛନକା ପଶିଛି। ସକାଳ ପ୍ରାୟ ୭ଟା ସମୟରେ ଉପ ଜିଲ୍ଲାପାଳ ପଦ୍ମଚରଣ ସାହୁ କୌଣସି ପୂର୍ବ ସୂଚନା ନଦେଇ ହଠାତ୍ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଯାଞ୍ଚ କରିଥିଲେ। ଏହି ଯାଞ୍ଚ ସମୟରେ କାର୍ଯ୍ୟାଳୟର ସମୟାନୁବର୍ତ୍ତିତା ଓ କାର୍ଯ୍ୟ ପ୍ରଣାଳୀର ଅସଲ ଚିତ୍ର ପଦାକୁ ଆସିଛି। ଉପ ଜିଲ୍ଲାପାଳ କାର୍ଯ୍ୟାଳୟରେ ପହଞ୍ଚି ପ୍ରଥମେ କର୍ମଚାରୀଙ୍କ ଉପସ୍ଥିତି ପଞ୍ଜିକା ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଜଣାପଡିଥିଲା ଯେ, କାର୍ଯ୍ୟ ସମୟ ହୋଇଥିଲେ କେତେକ କର୍ମଚାରୀ ନିଜ କର୍ତ୍ତବ୍ୟରେ ଅବହେଳା କରି ଅନୁପସ୍ଥିତ ଅଛନ୍ତି।

ଏହି ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରି ଉପ ଜିଲ୍ଲାପାଳ ଶ୍ରୀ ସାହୁ ଅନୁପସ୍ଥିତ କର୍ମଚାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସେମାନଙ୍କୁ 'ଅନୁପସ୍ଥିତ' ଦର୍ଶାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଉପ ଜିଲ୍ଲାପାଳ କହିଥିଲେ ଯେ, ସରକାରୀ କାର୍ଯ୍ୟାଳୟରେ ସମୟନିଷ୍ଠା, ଶୃଙ୍ଖଳା ଓ ସ୍ୱଚ୍ଛତା ଅତ୍ୟନ୍ତ ଆବଶ୍ୟକ। ଜନସାଧାରଣଙ୍କ ସେବା ପାଇଁ ଉଦ୍ଦିଷ୍ଟ କାର୍ଯ୍ୟାଳୟରେ କର୍ମଚାରୀମାନେ ଧାର୍ଯ୍ୟ ସମୟରେ ଉପସ୍ଥିତ ରହିବା ଜରୁରୀ। ଏଥିରେ କୌଣସି ପ୍ରକାରର କୋହଳ ମନୋଭାବ ବରଦାସ୍ତ କରାଯିବ ନାହିଁ। ଉପ ଜିଲ୍ଲାପାଳଙ୍କ ଏହି ଆକସ୍ମିକ ଯାଞ୍ଚ ପରେ ତହସିଲ କାର୍ଯ୍ୟାଳୟରେ ଏକ ପ୍ରକାର ଚଞ୍ଚଳତା ସୃଷ୍ଟି ହୋଇଥିବା ବେଳେ ଅନ୍ୟ କର୍ମଚାରୀମାନେ ନିଜ ନିଜ କାର୍ଯ୍ୟ ପ୍ରତି ଅଧିକ ସଚେତନ ହୋଇଥିବା ଦେଖାଯାଇଥିଲା। ଆଗାମୀ ଦିନରେ ମଧ୍ୟ ଏଭଳି ଯାଞ୍ଚ ପ୍ରକ୍ରିୟା ଜାରି ରହିବ ବୋଲି ସୂଚନା ମିଳିଛି।

## ରାଜ୍ୟସ୍ତରୀୟ ନୃତ୍ୟ ମହୋତ୍ସବ



ଢେଙ୍କାନାଳ,୨୮।୪(ସମିସ): ସ୍ଥାନୀୟ ଜିଲ୍ଲା ପରିଷଦ ହଲ ଠାରେ ଅଗ୍ରଣୀ ନୃତ୍ୟ ଅନୁଷ୍ଠାନ ନୀତା ନୃତ୍ୟାଙ୍ଗନା ତରଫରୁ ଆନ୍ତର୍ଜାତୀୟ ନୃତ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ନିର୍ଦ୍ଦେଶକ ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ବିଶିଷ୍ଟ ନୃତ୍ୟ ଶିଳ୍ପୀ ପଦ୍ମଚରଣ ଦେହୁରୀ, ପୌରାଞ୍ଚଳର ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ବିଜେଡି କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡଙ୍ଗୀ, ୧୨ନଂ ୱାର୍ଡ କାଉନସିଲର ଶୁଭଶ୍ରୀ ସାହୁ ପ୍ରମୁଖ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ଦିବସର ଗୁରୁତ୍ୱ ଉପରେ ସାରଗର୍ଭକ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ନୃତ୍ୟ ଶିଳ୍ପୀଗଣ ସେମାନଙ୍କର ଚିତାକର୍ଷକ ନୃତ୍ୟ ପ୍ରଦର୍ଶନ କରିଥିଲେ। ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ନୃତ୍ୟଶିଳ୍ପୀ ତଥା ଚଳଚ୍ଚିତ୍ର ନାୟିକା ଜ୍ୟୋତ୍ସ୍ନାରାଣୀ ମିଶ୍ର, ସମାଜସେବୀ ଅକ୍ଷୟ ମହାନ୍ତି, ବିଶିଷ୍ଟ ନାଟ୍ୟକାର ଦୀନେଶ ଦାସ, ଉପଦେଷ୍ଟା ଦୀପକ କୁମାର ପଟ୍ଟନାୟକ, ହିନ୍ଦୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ କଲ୍ୟାଣ ସୌରଭ ଦାସ ପ୍ରଭୃତି ମଞ୍ଚାସୀନ ହେବା ପରେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଅପରାହ୍ନରେ ବହୁ ସଂଖ୍ୟାରେ ନୃତ୍ୟଶିଳ୍ପୀଗଣଙ୍କ ମଧ୍ୟରେ ଭଦ୍ରକ, ଖୋର୍ଦ୍ଧା, ଯାଜପୁର, ଭୁବନେଶ୍ୱର, କଟକ, ବଲାଙ୍ଗୀର, ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର, ଭାପୁର ଅଞ୍ଚଳରୁ ନୃତ୍ୟ ଶିଳ୍ପୀମାନେ ସେମାନଙ୍କର ନୃତ୍ୟ ପ୍ରଦର୍ଶନ କରିଥିଲେ। ସମସ୍ତଙ୍କୁ ଅନୁଷ୍ଠାନ ତରଫରୁ ଟ୍ରଫି, ସାର୍ଟିଫିକେଟ୍ ପ୍ରଦାନ କରାଯିବା ସହ ଗୁରୁ ଜ୍ୟୋତ୍ସ୍ନାରାଣୀ ମିଶ୍ରଙ୍କୁ ନୃତ୍ୟ ନିପୁଣା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହାସହ ସମସ୍ତ ନୃତ୍ୟ ଗୁରୁମାନଙ୍କୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଆଦ୍ୟାଶା ପଟ୍ଟନାୟକ ଓ ପ୍ରତୀକ୍ଷା ପଣ୍ଡା ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବରିଷ୍ଠ ସଭ୍ୟା ସନ୍ଧ୍ୟାରାଣୀ କାଣ୍ଡି ସଭା କାର୍ଯ୍ୟକୁ ପରିଚାଳନା କରିଥିଲେ ଏବଂ ଉଷାରାଣୀ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଆରମ୍ଭରୁ ଶେଷ କାର୍ଯ୍ୟକ୍ରମର ପ୍ରତ୍ୟେକଟି କାର୍ଯ୍ୟକୁ ନୀତା ନୃତ୍ୟାଙ୍ଗନାର ସମ୍ପାଦକ ଗୁରୁ ଆଶିଷ କୁମାର ପାଲ ପରିଚାଳନା କରିଥିବାବେଳେ ସାଗରିକା ଶତପଥୀ, ବବିତା ରାଉତ, ଅଜିତ ପାଲ୍, ଅମିତ ପାଲ୍, ବିଶ୍ୱଜିତ ନାୟକ ପ୍ରମୁଖ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ କରିଥିଲେ।

## ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ

ଢେଙ୍କାନାଳ,୨୮।୪(ସମିସ): ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜୟନ୍ତୀ ଅବସରରେ ଆମ ଆଦମୀ ପାର୍ଟିର କାର୍ଯ୍ୟକର୍ତ୍ତାମାନେ ଏକତ୍ରିତ ହୋଇ ସ୍ଥାନୀୟ କୋର୍ଟ ପାଖ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଧୂପଦାନ ସହିତ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ରାଜ୍ୟ ସଙ୍ଗଠନ ସମ୍ପାଦକ ଭରତ କୁମାର ଦାସ ଯୋଗଦେଇ କହିଥିଲେ ଯେ ଓଡ଼ିଆ ଭାଷାଭାଷୀ



ଅଞ୍ଚଳକୁ ମିଶାଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ସେ ଆଜୀବନ ସଂଗ୍ରାମ ଯୋଗୁଁ ୧ ଏପ୍ରିଲ୍ ୧୯୩୬ରେ ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଗଠିତ ହୋଇଥିଲା। ଏଥିପାଇଁ ତାଙ୍କୁ ଉତ୍କଳ ଗୌରବ ଉପାଧି ମିଳିଥିଲା। ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ ବାଲ୍ୟ ବିବାହ, ଅସ୍ପୃଶ୍ୟତା ବିରୋଧରେ ଲଢ଼େଇ, ନାରୀମାନଙ୍କୁ ଶିକ୍ଷିତ କରିବା ସନ୍ଦର୍ଭରେ କହିଥିଲେ। ଜିଲ୍ଲା କୋଷାଧ୍ୟକ୍ଷ ତଥା ଅବସରପ୍ରାପ୍ତ ଶିକ୍ଷକ କବିଜ୍ୟୋତି ନିରଞ୍ଜନ ପତି ଉତ୍କଳ ଗୌରବ ମଧୁସୂଦନ ଏବଂ ଓଡ଼ିଶା ବିଷୟରେ ଏକ କବିତା ପାଠ କରିଥିଲେ। ଏହା ବ୍ୟତୀତ ଜିଲ୍ଲା ସାଧାରଣ ସମ୍ପାଦକ ଅନୀଲ ସାମଲ, ସଦର ନିର୍ବାଚନ ମଣ୍ଡଳୀ ସଭାପତି ଚିତ୍ତରଞ୍ଜନ ପାଣି, ନଗର ସଭାପତି ଦେବାଶିଷ ନନ୍ଦ, ଉପସଭାପତି ବିଜୟ କୁମାର ଦାସ, ସୋମନାଥ ଦାଶ, ଜୟଦେବ ବେହେରା, ପ୍ରସନ୍ନ ବରାଳ, ପ୍ରଶାନ୍ତ ନନ୍ଦ, ଯୁଧିଷ୍ଠିର ଦାସ ପ୍ରମୁଖ ଯୋଗଦେଇ ଉତ୍କଳ ଗୌରବ ମଧୁସୂଦନଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପିତାମ୍ବର ସାମନ୍ତରାୟ, ଚିନ୍ମୟ ସେନାପତି, ଜୟନ୍ତ ଦାସ, ଗୋବିନ୍ଦ ସାହୁ, କବି ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀରାମଚରିତ ନବାହ୍ନ ପାରାୟଣ ଉଦ୍‌ଯାପିତ




ଗଁଦିଆ,୨୮।୪(ସମିସ): କପିଳାସ ନିକଟ ଦେଓଗାଁରେ ଚଳିତ ବର୍ଷ ୨୬ ତମ ଶ୍ରୀରାମ ଚରିତ ମାନସ ନବାହ୍ନ ପରାୟଣ ମହାଯଜ୍ଞ ଅନୁଷ୍ଠିତ ହୋଇଛି। ୯ ଦିନ ବ୍ୟାପୀ ପାରାୟଣ ଅନୁଷ୍ଠିତ ପାରାୟଣ କାର୍ଯ୍ୟକ୍ରମର ଅନ୍ତିମ ଦିବସରେ ସୂର୍ଯ୍ୟ ପୂଜା, ଅଙ୍କୁରୋପଣ ଓ ଗୋ ପୂଜା ପରେ ନିକଟସ୍ଥ ଶିବସାଗର ପୁଷ୍କରିଣୀରୁ ତୀର୍ଥ ଜଳ ଆଣି ପ୍ରଭୁ ଶ୍ରୀରାମଙ୍କର ରାଜ୍ୟାଭିଷେକ ହୋଇଥିଲା। ବ୍ୟାସ ଭାବେ ସନ୍ଥ ଶ୍ରୀସୀତାରାମ ଦାସ ଜୀ ଯୋଗଦେଇ ସକାଳ ଓ ସନ୍ଧ୍ୟାରେ ଶ୍ରୀରାମଚରିତ ମାନସ ଓ ହନୁମାନ ଚାଳିଶା ପାଠ କରିଥିଲେ। ପଣ୍ଡିତ ଗୋପୀନାଥ ପଣ୍ଡା, ପଣ୍ଡିତ ଆର୍ତ୍ତତ୍ରାଣ ଦାସ ପ୍ରମୁଖ ପ୍ରତ୍ୟହ ପ୍ରାତଃ ସମୟରେ ମଙ୍ଗଳ ଆଳତି, ଗୋ ପୂଜା ସହ ହୋମଯଜ୍ଞ ଆଦି କାର୍ଯ୍ୟ ସମ୍ପାଦନ କରିଥିଲେ। କର୍ତ୍ତା ଭାବେ ସତ୍ୟାନନ୍ଦ ପତି ଦାୟିତ୍ୱ ନିର୍ବାହ କରିଥିବାବେଳେ ଶ୍ରୀରାମଦୟା ପାରିଷଦର ବରିଷ୍ଠ ସଦସ୍ୟ ବିଜୟ କୁମାର ମହାପାତ୍ର, ଗୌରହରି ପଣ୍ଡାଙ୍କ ସମେତ ସମସ୍ତ ସଦସ୍ୟ ଯୋଗଦାନ କରିଥିଲେ। ପୂର୍ଣ୍ଣାହୁତି ପରେ ସମସ୍ତ ଭକ୍ତ ଓ ଗ୍ରାମବାସୀଙ୍କ ପାଇଁ ପ୍ରସାଦ ସେବନ ଆୟୋଜନ କରାଯାଇଥିଲା। ପ୍ରସାଦ ସେବନ ପରେ ପ୍ରବଚକ ସନ୍ଥ ନାରାୟଣ ପଣ୍ଡାଙ୍କ ଠାରୁ ରାମ କଥା ମାନସ ଶ୍ରବଣ କରିଥିଲେ। ପ୍ରବଚନ ସରିବା ପରେ ବ୍ୟାସ ବନ୍ଦନ ଅନୁଷ୍ଠିତ ହୋଇଥିଲା।

## ଗେଟ୍ ଭାଙ୍ଗି କାନ୍ଥରେ ପିଟିହେଲା କାର୍

ଖଜୁରିଆକଟା,୨୮।୪(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନମଣ୍ଡଳୀ ହିନ୍ଦୋଳ ବ୍ଲକ୍ ଷ୍ଟାଫ୍ କ୍ୱାର୍ଟର୍ସ ଗେଟଭାଙ୍ଗି ଘରର କାନ୍ଥରେ ଏକ କାର ପିଟି ହୋଇଛି। ଦିନ ପ୍ରାୟ ୧୨ଟା ସମୟରେ ଓଡି ୦୨ ଏୱାଇ ୦୬୨୬ ନମ୍ବର ବିଶିଷ୍ଟ କାର୍ ଗେଟଭାଙ୍ଗି କ୍ୱାର୍ଟର୍ସ କାନ୍ଥରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଗେଟ୍ କ୍ଷତିଗ୍ରସ୍ତ ହୋଇଥିବାବେଳେ କାର୍ ମଧ୍ୟ ଭାଙ୍ଗି ଚୁରମାର ହୋଇଯାଇଛି। ଦୁର୍ଘଟଣା ଏତେ ଜୋର୍ ଥିଲା ଯେ କାର୍‌ର ସେଫ୍‌ଟି ବାଲୁନ ବାହାରି ପଡ଼ିଥିବା ଦେଖିବାକୁ ମିଳିଛି। ସୌଭାଗ୍ୟକୁ କାର ଚାଳକ କିମ୍ବା ସେଠାରେ ଅନ୍ୟ କାହାର କିଛି କ୍ଷତି ହୋଇନଥିବା ଜଣାପଡ଼ିଛି। କାର୍‌ଟି ହିନ୍ଦୋଳ ବ୍ଲକର କାର୍ଯ୍ୟରତ ଜଣେ ପିଇଓଙ୍କର ବୋଲି ଜଣାପଡ଼ିଛି। ଏହାକୁ ଅନ୍ୟ ଜଣେ ମଦ୍ୟପାନ ଚଳାଉଥିବାବେଳେ ଏଭଳି ଦୁର୍ଘଟଣା ଘଟିଥିବା କୁହାଯାଉଛି।



ପ୍ରତିଶୋଧ ପରାୟଣ ହୋଇ ଏଭଳି କରିଥିବା କିଛି କହୁଥିବାବେଳେ ଘଟଣାର ତଦନ୍ତ କରାଯାଇ ପ୍ରକୃତ କାରଣ ଖୋଜିଯିବାକୁ ଦାବି ହୋଇଛି। ଏଥିସହିତ ସଂପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରାଯିବାକୁ ମଧ୍ୟ ଦାବି ହୋଇଛି। ତେବେ ଖବର ଲେଖା ହେବାବେଳକୁ ହିନ୍ଦୋଳ ଥାନାରେ କୌଣସି ମାମଲା ରୁଜୁ ହୋଇନଥିବାବେଳେ ଦୁର୍ଘଟଣାଗ୍ରସ୍ତ କାରଟି ଘଟଣା ସ୍ଥଳରେ ପଡି ରହିଥିବା ଦେଖାଯାଇଛି।

## ଦେଶ ପାଇଁ ମଧୁବାବୁଙ୍କ ଅବଦାନ ଅତୁଳନୀୟ



ଖଜୁରିଆକଟା,୨୮।୪(ସମିସ): ଓଡ଼ାପଡ଼ା ସାମ୍ବାଦିକ ସଂଘ କାର୍ଯ୍ୟାଳୟ ଠାରେ ମଧୁ ଜୟନ୍ତୀ ପାଳିତ ହୋଇଯାଇଛି। ସଂଘ ସଭାପତି ରବିନାରାୟଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାଂସଦ ରୁଦ୍ରନାରାୟଣ ପାଣି ଯୋଗଦେଇ ମଧୁବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହିତ ଦେଶ ପାଇଁ ମଧୁବାବୁଙ୍କ ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ହିନ୍ଦୋଳ ରୋଡ ବଜାର କମିଟି ସଭାପତି ବିଶ୍ୱଜିତ ଦେହୁରୀ, ଅନନ୍ତ ଚରଣ ସାହୁ ରଣଜିତ ନାୟକ ଓ ସୋମନାଥ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ରବିନାରାୟଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ହିନ୍ଦୋଳ ରୋଡ ବଜାରର ଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହିତ ଏକ ଦାବିପତ୍ର ପ୍ରଦାନ କରିଥିଲେ।

## ଗୁରିଲୋ ଗ୍ରାମରେ ବାର୍ଷିକ ହରି ମେଳା

ଖଜୁରିଆକଟା,୨୮।୪(ସମିସ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ଗୁରିଲୋ ଗ୍ରାମରେ ବାର୍ଷିକ ହରି ମେଳା ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ବରିଷ୍ଠ ସଦସ୍ୟ ପୀତବାସ ସାମଲଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ମେଳା କାର୍ଯ୍ୟ ଶୃଙ୍ଖଳାର ଶେଷ ହୋଇଛି। ଗ୍ରାମର ପୂଜକ ଲକ୍ଷ୍ମୀଧର କର ପୂଜାର୍ଚ୍ଚନା କରିଥିଲେ। କର୍ତ୍ତା ରୂପେ ଭାରତ ସାମଲ କାର୍ଯ୍ୟ ସମ୍ପାଦନ କରିଥିଲେ। ଅନୁଷ୍ଠିତ ମେଳା ଉତ୍ସବରେ ନିଜ ଗ୍ରାମ ଗୁରିଲୋ ସମେତ ପାଖ ପଡୋଶୀରୁ ୧୮ ଟି ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ଅହୋରାତ୍ର ନାମ ସଙ୍କୀର୍ତ୍ତନ ପରିବେଷଣ କରିଥିଲେ। ବିଜୟ ସାମଲ ମଣ୍ଡଳୀ



ପରିଚାଳନା କରିଥିଲେ। ଏହି ଦିନ ପୂର୍ବାହ୍ନ ୧୦ ଘଟିକା ସମୟରେ ଗ୍ରାମର ଆରାଧ୍ୟ ଠାକୁର ବାସୁଦେବଙ୍କୁ ସୁସଜ୍ଜିତ ବିମାନରେ ବସାଇ ନାମ ସଙ୍କୀର୍ତ୍ତନ ତାଳେ ତାଳେ ଗ୍ରାମ ପରିକ୍ରମା କରି ମେଳା ମଣ୍ଡପରେ ସ୍ଥାପନ କରାଯାଇଥିଲା। ଏହି ଉତ୍ସବରେ ରଞ୍ଜାଗୋଳସ୍ଥିତ ଧୂନିଘର ମଠର ମହନ୍ତ ମାଧବାନନ୍ଦ ଦାସ ଯୋଗଦେଇ ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ। ଗ୍ରାମର ଟିକନ ସାମଲ, ପ୍ରମୋଦ ସାମଲ, ମନୋଜ ସାମଲ, ଜଟାଧାରୀ ସାମଲ, ଗୁରୁବାରିଆ ସାମଲ, ଦୁଃଖିଆ ସାମଲଙ୍କ ସମେତ ଗାଁ ଯୁବକ ସଙ୍ଘର କର୍ମକର୍ତ୍ତାମାନେ ହରି ମେଳାରେ ବିଭିନ୍ନ ଦାୟିତ୍ୱ ନେଇ ଉତ୍ସବକୁ ସଫଳ କରିଥିଲେ।

### ୪୫ ବର୍ଷ ପରେ ବି ଦଦରାଘାଟି ଫାଣ୍ଡି ଅବସ୍ଥା ସୁଧୁରୁନି

## ପରିତ୍ୟକ୍ତ ଜଳ ପ୍ରକଳ୍ପ କକ୍ଷରେ ଚାଲିଛି ଫାଣ୍ଡି

ପରଜଙ୍ଗ,୨୮।୪(ସମିସ): ପରଜଙ୍ଗ ବ୍ଲକର ଶେଷ ସୀମାରେ ଅବସ୍ଥିତ ଆଖୁଆପାଳ ପଞ୍ଚାୟତ, ଯାହାକି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ପରିଗଣିତ ରହିଛି। ଏଠି ଦୁଇଟି ପାହାଡ ମଧ୍ୟରେ ଦଦରାଘାଟି ଜଳ ପ୍ରକଳ୍ପ କାର୍ଯ୍ୟକୁ ଆଖି ଆଗରେ ରଖି ଚୋରି, ରାହାଜାନୀ, ଡକାୟତି, ଅଞ୍ଚଳବାସୀଙ୍କୁ ସୁରକ୍ଷା ବ୍ୟବସ୍ଥା ଯୋଗାଇଦେବା ଉଦ୍ଦେଶ୍ୟରେ ୧୯୮୧ ମସିହାରେ ଦଦରାଘାଟି ଫାଣ୍ଡି ସ୍ଥାପନ ହୋଇଥିଲା। ୪୫ ବର୍ଷ ଅତିକ୍ରମ କରିଥିବା ବେଳେ ଆଜି ପର୍ଯ୍ୟନ୍ତ ଫାଣ୍ଡିର ନିଜସ୍ୱ କାର୍ଯ୍ୟାଳୟ ନିର୍ମିତ ହୋଇପାରିଲା ନାହିଁ। ଫାଣ୍ଡିର ଅବସ୍ଥା ସୁଧାରିପାରି ନାହିଁ। ଦଦରାଘାଟି ଜଳ ସେଚନ ବିଭାଗର ଥିବା ପୁରୁଣା ଆଜବେଷ୍ଟସ ଘରେ ଚାଲିଛି ଫାଣ୍ଡିଟି ଚାଲୁରହିଛି। ଜଳସେଚନ ବିଭାଗର ଛୋଟ ଛାତ ଘର ଅତିଥି ଭବନ ଟିରେ ଫାଣ୍ଡି ଅଧିକାରୀ ରହୁଥିବା ବେଳେ ଅର୍ଦ୍ଧ ଭଗ୍ନ ଅବସ୍ଥାରେ ଥିବା ଆଜବେଷ୍ଟସ ଘରେ କାର୍ଯ୍ୟାଳୟ ଚାଲିବା ସହିତ ଅନ୍ୟ ପୁଲିସ କର୍ମଚାରୀମାନେ ନାହିଁ



ନଥିବା ଅସୁବିଧାରେ ନିଜର କର୍ମମୟ ଜୀବନ ଅତିବାହିତ କରିଥାନ୍ତି। ସ୍ଥାନୀୟ ଲୋକଙ୍କୁ ହୁଅନ୍ତୁ ବା ଆସୁଥିବା ପର୍ଯ୍ୟଟକ, ବିଭାଗୀୟ କର୍ମଚାରୀ ମାନଙ୍କୁ ଜଳସେଚନ ବିଭାଗର ଅତିଥି ଭବନରୁ ବଞ୍ଚିତ ରୁହନ୍ତି। ପରଜଙ୍ଗ ଥାନା ଠାରୁ ଫାଣ୍ଡିର ଦୂରତା ୨୦ କିଲୋମିଟରରେ ଅବସ୍ଥିତ। ରାଜ୍ୟରେ ଥାନା, ଫାଣ୍ଡି ମାନଙ୍କୁ ସରକାରଙ୍କ ପକ୍ଷରୁ କାର୍ଯ୍ୟାଳୟ ସାଙ୍ଗକୁ କର୍ମଚାରୀମାନଙ୍କୁ ରହଣି ନିମନ୍ତେ ଅର୍ଥ ବ୍ୟୟବରାଦ କରାଯାଇ ଗୃହ ନିର୍ମାଣ ପାଇଁ ଦୃଷ୍ଟି ଦେଉଥିବା ବେଳେ ପରଜଙ୍ଗ ଥାନାର ଦଦରାଘାଟି ଫାଣ୍ଡିକୁ ଅଣଦେଖା କରାଯାଉଛି ବୋଲି ଅଭିଯୋଗ ହୋଇଛି। ସେହିପରି ଭାବେ ଉକ୍ତ ଫାଣ୍ଡିଟି ବଣ ଜଙ୍ଗଲ ତଳିଆ ଅଞ୍ଚଳରେ ଥିବାରୁ ଅନେକ ସମୟରେ ଲୋକମାନେ ଜାଣି ପାରୁନଥିବା ଜଣାଯାଏ। ଫାଣ୍ଡିକୁ ୧୪୯ ନଂ ଜାତୀୟ ରାଜପଥ କଡ ବିଶାନାଳୀ ଛକ ନିକଟରେ ତହସିଲ ପ୍ରଶାସନ ଜମି ଯୋଗାଇ ଦେବା ସହିତ ପ୍ରଶାସନ ପକ୍ଷରୁ ନିର୍ମାଣ ନିମନ୍ତେ ବାରମ୍ବାର ଦାବି ହେଉଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ କର୍ଣ୍ଣପାତ କରୁନାହାନ୍ତି ବୋଲି ଜଣାପଡ଼ିଛି।

## ନାରୀଶକ୍ତି ବନ୍ଦନ ଅଧିନିୟମ ଜିଲ୍ଲା ବିଜେପିର ସାମ୍ବାଦିକ ସମ୍ମିଳନୀ

ଢେଙ୍କାନାଳ,୨୮।୪(ସମିସ): ସ୍ଥାନୀୟ ଜିଲ୍ଲା ବିଜେପି କାର୍ଯ୍ୟାଳୟ ଠାରେ ଜିଲ୍ଲା ସଭାପତି ରାସବିହାରୀ ବେହେରାଙ୍କ ଅଧ୍ୟକ୍ଷତାରେ ନାରୀଶକ୍ତି ବନ୍ଦନ ଅଧିନିୟମ ତଥା ସମ୍ବିଧାନ ୧୩୧ତମ ସଂଶୋଧନ ବିଲ୍, ସୀମା ନିର୍ଦ୍ଧାରଣ ବିଲ୍, କେନ୍ଦ୍ରଶାସିତ ଅଞ୍ଚଳ ଆଇନ ସଂଶୋଧନ ବିଲ ନିମନ୍ତେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ବିଜେପି ରାଜ୍ୟ ସମ୍ପାଦିକା ଡ. ପ୍ରୀତି ପ୍ରତିଭା ଭୋଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ରଜ୍ୟ ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ ବିଜେପି ପ୍ରଦେଶ ତରଫରୁ ଯୋଗ ଦେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀକୁ ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ମାତୃପ୍ରସାଦ ନନ୍ଦ ସଞ୍ଚାଳନ କରିଥିବାସ୍ଥଳେ ପୂର୍ବତନ ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ଜିଲ୍ଲା ଉପସଭାନେତ୍ରୀ ଇତିଶ୍ରୀ ସାହୁ, ବିଷ୍ଣୁ ପ୍ରସାଦ ଲେଙ୍କା, ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ଅରୁଣ ନାୟକ, ଜିଲ୍ଲା ଉପସଭାପତି ଧ୍ରୁବଚରଣ ସ୍ୱାଇଁ, ଆଇଟି ସେଲର ଦୁଷ୍ମନ୍ତ ବେହେରାଙ୍କ ସମେତ ବରିଷ୍ଠ ନାରୀନେତ୍ରୀ ଯୋଗଦେଇ ନିଜର ବକ୍ତବ୍ୟ ଉପସ୍ଥାପନା କରିଥିଲେ।

## ପଞ୍ଚରାତ୍ର ଶ୍ରୀଜଗନ୍ନାଥ ପାରାୟଣ

ଢେଙ୍କାନାଳ,୨୮।୪(ସମିସ): ସହର ଉପକଣ୍ଠ ମଙ୍ଗଳପୁର ଗ୍ରାମ ମଜୁରୀ ଛକ ଠାରେ ସୋମବାର ଠାରୁ ଆଗାମୀ ୫ଦିନ ଧରି ଶ୍ରୀ ଜଗନ୍ନାଥ ପଞ୍ଚରାତ୍ର ପାରାୟଣ ଓ ବିଶ୍ୱସାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ। କମିଟିର ସଭାପତି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓ ସମସ୍ତ କମିଟି ମେମ୍ବର ଗ୍ରାମବାସୀଙ୍କ ସହାୟତାରେ ସକାଳ ୬ଟାରେ କଳସଯାତ୍ରା, ପୂର୍ବାହ୍ନ ୯ ଘଟିକାରେ ସୂର୍ଯ୍ୟପୂଜା ଓ ଅଙ୍କୁରାରୋପଣ ହୋଇଥିଲା। ସନ୍ଧ୍ୟା ୭ ଘଟିକାରେ ବାବା ଦଧିବାମନ ଦାସଙ୍କ ଦ୍ୱାରା ଶ୍ରୀ ଜଗନ୍ନାଥ କଥାମୃତ ପରିବେଷଣ କରିବେ। ଏହି କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ପ୍ରଶନ ଦାସ ଓ ମୁଖ୍ୟ କର୍ତ୍ତା ପାଣ୍ଡବ ଚନ୍ଦ୍ର ଦାସ ଓ କର୍ତ୍ତୀ ଭାରତି ଦସ ଥିଲେ।

## ହାଇୱା-ସ୍କୁଟି ଧକ୍କା; ସ୍କୁଟି ଚାଳକ ମୃତ

ଗଁଦିଆ,୨୮।୪(ସମିସ): ଗଁଦିଆ ଥାନା ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସନ୍ନିକଟ ମହାଦେବ ହୋମ ନିଡ୍‌ସ ସମ୍ମୁଖରେ ଆଜି ସକାଳେ ଏକ ହାଇୱା (ଓଡି ୦୫ ଜେ ୦୦୧୬) ସହ ଓଆର୍ ୦୫ ଏସି ୬୨୪୮ ନମ୍ବର ବିଶିଷ୍ଟ ସ୍କୁଟି ଧକ୍କା ହୋଇଥିଲା। ଫଳରେ ସ୍କୁଟି ଚାଳକଙ୍କ ମୃତ୍ୟୁ ହୋଇଯାଇଛି। ଗଁଦିଆ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି



ମୃତକଙ୍କୁ ଉଦ୍ଧାର କରି ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ପୁଲିସ ଦୁର୍ଘଟଣାଗ୍ରସ୍ତ ଦୁଇଟି ଗାଡ଼ିକୁ ଜବତ କରି ଶବ ବ୍ୟବଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା କେନ୍ଦ୍ରକୁ ପଠାଇଥିବାବେଳେ ଘଟଣାସ୍ଥଳରୁ ହାଇୱା ଚାଳକ ଫେରାର ହୋଇଯାଇଛି। ସ୍କୁଟି ଚାଳକ ଗଁଦିଆର ଟୁରା ନାଏକ ବୋଲି ପୁଲିସ ଠାରୁ ପ୍ରକାଶ।

## ଅଗ୍ନିବିପନ୍ନ ପରିବାରକୁ ସହାୟତା


ପରଜଙ୍ଗ,୨୮।୪(ସମିସ): ପରଜଙ୍ଗ ବ୍ଲକ୍ କୁମୁସୀ ପଞ୍ଚାୟତ ଅଧୀନ ରିଆଁ ଗାଁରେ ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟି ଅଭି ନାଏକ, ରଞ୍ଜିତ ନାଏକ, ଦୀପକ ନାଏକଙ୍କ ତିନି ବଖରା ଘର ଭସ୍ମୀଭୂତ ହୋଇଯାଇଛି। ଗତ ରାତିରେ ଚନ୍ଦନ ଯାତ୍ରା ଦେଖିବାକୁ ଯାଇ ଥିବା ସମୟରେ କୌଣସି କାରଣରୁ ଘରେ ନିଆଁ ଲାଗି ଯାଇଥିଲା। ଫଳରେ ଘରେ ଥିବା ଧାନ, ଚାଉଳ, ଲୁଗାପଟା ଓ ଅନ୍ୟାନ୍ୟ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ତିନି ଭାଇଙ୍କର ଏହି ୩ ବଖରା ଚାଳ ଛପର ଘର ଜଳିଯିବା ପରେ ସେମାନେ ବାସହରା ହୋଇଯାଇଛନ୍ତି। ସେମାନେ ଅତ୍ୟନ୍ତ ଗରିବ ପରିବାରର। ତେଣୁ ତାଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି। ସାମାଜିକ ସଙ୍ଗଠନ ମାରୁତି ସେନାର ଜିଲ୍ଲା ସଭାପତି ବିକାଶ ଚନ୍ଦ୍ର ବେହେରା ପରଜଙ୍ଗ ବ୍ଲକ୍‌ର ସ୍ଥାନୀୟ ସଦସ୍ୟଙ୍କୁ ସାଙ୍ଗରେ ଧରି ଅଗ୍ନି ବିପନ୍ନ ପରିବାରକୁ ରାସନ୍ ସାମଗ୍ରୀ, ଲୁଗାପଟା ଓ କିଛି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ମାରୁତି ସେନା ପରଜଙ୍ଗ ବ୍ଲକ ସହ ସଚେତକ ସୁଜିତ କୁମାର ସାହୁ, ବିଘ୍ନେଶ୍ୱର ଲେଙ୍କା, ଅନୀଲ କୁମାର ସାହୁ, ଶିବାନନ୍ଦ ବେହେରା, ଅନ୍ତର୍ଯ୍ୟାମୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## ରାସୋଳ ଖେଳ ପଡ଼ିଆ ଏବେ ଆବର୍ଜନାମୟ

ହିନ୍ଦୋଳ,୨୮।୪(ସମିସ)

ଏପ୍ରିଲ ମାସ ୧୪ ତାରିଖ ରୁ ୧୮ ତାରିଖ ପର୍ଯ୍ୟନ୍ତ ଏକ ବିଂଶତମ ରାସୋଳ ମହୋତ୍ସବ ବହୁ ଜାକଜମକରେ ସମାପନ ହୋଇଥିବା ବେଳେ ବହୁ ନେତା ମନ୍ତ୍ରୀ, ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କର ଆଗମନ ହୋଇଥିଲା। ହଜାର ହଜାର ଜନସାଧାରଣ ଓ ଶହ ଦୋକାନ ବଜାର ମଧ୍ୟ ଖୋଲିଥିଲା। ମହୋତ୍ସବ ସରିବାର ୯ ଦିନ ପରେ ଏବେ ଜୁଆଡେ ଦେଖିବ ପଡ଼ିଆରେ ପଡ଼ିଛି କୁଡ଼କୁଡ଼ ଆବର୍ଜନା। ପଡ଼ିଆ ନୁହେଁ ତ ସତେ ଯେମିତି ପାଲଟିଛି ଏକ ନର୍କ କୁଣ୍ଡ। ବାହାଘର ପରେ ବେଦୀ ମୁହଁ ପୋଡା ଭଳି ଆୟୋଜକ ଅନୁଷ୍ଠାନ ରାସୋଳ



ବିକାଶ ପରିଷଦ ମହୋତ୍ସବ ଆୟୋଜନ କରି ନେତା ମନ୍ତ୍ରୀ ପଡ଼ିଆରେ ଉଠା ଦୋକାନୀମାନଙ୍କ ଠାରୁ ମୋଟା ଅଙ୍କର ଟଙ୍କା ଆଦାୟ କରି ମାଲା ମାଲ ହୋଇଥିବା ବେଳେ ରାସୋଳ ଅଞ୍ଚଳର ଯୁବଗୋଷ୍ଠୀ ମାନଙ୍କର ଦୈନନ୍ଦିନ ଖେଳ ପଡ଼ିଆକୁ ଆବର୍ଜନାମୟ କରିଦେଇଛନ୍ତି। ଏହି ପଡ଼ିଆରେ ସପ୍ତାହରେ ଦୁଇଦିନ ସାପ୍ତାହିକ ହାଟ ବସୁଥିବାବେଳେ ପ୍ରତିଦିନ ସକାଳେ ଓ ଅପରାହ୍ନରେ ଛୋଟ ପିଲାମାନଙ୍କ ଠୁ ଆରମ୍ଭ କରି ବଡ଼ ପିଲାମାନେ ନିଜକୁ ସୁସ୍ଥ ରଖିବା ପାଇଁ ବ୍ୟାୟାମ, ଖେଳ କସରତ କରିବା ପାଇଁ ଆସିଥାନ୍ତି। ଏହି ଆବର୍ଜନା ଫଳରେ ସେଥିରେ ମଧ୍ୟ ବାଧା ଉପୁଜିଛି। ତୁରନ୍ତ ପଡ଼ିଆକୁ ପରିଷ୍କାର କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

## ରୋଗୀ କଲ୍ୟାଣ ସମିତି ପରିଚାଳନା ପରିଷଦ ବୈଠକ

ଢେଙ୍କାନାଳ,୨୮।୪(ସମିସ): ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରୋଗୀ କଲ୍ୟାଣ ସମିତି ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସାଂସଦ ରୁଦ୍ର ନାରାୟଣ ପାଣି, ବିଧାୟକ କାମାକ୍ଷାନଗର ଶତ୍ରୁଘ୍ନ ଜେନା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ପୌରପାଳିକା ଅଧ୍ୟକ୍ଷା ଜୟନ୍ତୀ ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ରୋଗୀ କଲ୍ୟାଣ ସମିତିର ସଦସ୍ୟମାନେ ଉପସ୍ଥିତ ଥିଲେ। ବୈଠକରେ



ଡିଏଚ୍‌ଏଚ୍‌ର ସାମ୍ପ୍ରତିକ ସେବା, ଭିତ୍ତିଭୂମି ଉନ୍ନତି, ରୋଗୀ ସନ୍ତୁଷ୍ଟି, ଏନ୍‌କ୍ୟୁଏଏସ୍ ମାନକ ପାଳନ ଏବଂ ରୋଗୀ କଲ୍ୟାଣ ସମିତି ପାଣ୍ଠିର ବିନିଯୋଗ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଥିଲା। ରୋଗୀମାନଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ସମସ୍ତ ସଦସ୍ୟ ମିଳିତ ଭାବେ କାର୍ଯ୍ୟ କରିବାକୁ ମତ ପ୍ରକାଶ କରିଥିଲେ।

# ମା' ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ରାଜନଗର,୨୮।୪(ସମିସ): ରାଜନଗର ବ୍ଲକ୍ ଇଶ୍ୱରପୁର ପଞ୍ଚାୟତର ମଧୁପୁରସ୍ଥ ମା' ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଚତୁର୍ଥ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ସମାଜସେବୀ ବସନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ରଙ୍ଗାଧର ଜେନା ଯୋଗଦେଇ ମାତ୍ର ୪ ବର୍ଷରେ ଛୋଟ ଛୋଟ କୃତିତ୍ୱ ସମ୍ପନ୍ନ ପିଲାଙ୍କୁ ସୃଷ୍ଟି କରିପାରିଥିବାରୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ପ୍ରତିଷ୍ଠାତା ଆଇନଜୀବୀ ଦେବେନ୍ଦ୍ର ନାଥ ପ୍ରଧାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଇଶ୍ୱରପୁର ସରପଞ୍ଚଙ୍କ ପ୍ରତିନିଧି ହୃଷିକେଶ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଡାଙ୍ଗମାଳ ପଞ୍ଚାୟତର ସରପଞ୍ଚ ଅନୁସୂୟା ବେହେରା, ବରେଣ୍ୟ ଅତିଥି ଭାବେ ମଦନମୋହନ ବାରିକ, କୁଳମଣି ନାୟକ, ଗୌରାଙ୍ଗ ରାଉଳ ପ୍ରମୁଖ ଯୋଗଦେଇ ବିଦ୍ୟାପ୍ରକାଶ ସମିତି ପକ୍ଷରୁ କଟକରେ ଆୟୋଜିତ ରାଜ୍ୟସ୍ତରୀୟ କ୍ରୀଡ଼ାରେ ବିଦ୍ୟାଳୟ ପାଇଁ ଗୌରବ ଆଣିଥିବା ଦ୍ୱିତୀୟ ଶ୍ରେଣୀ ଛାତ୍ର ପ୍ରଭୁପଦ ପାଢ଼ୀ ଓ ପ୍ରଥମ ଶ୍ରେଣୀ ଛାତ୍ରୀ ଏସ. ତେଜସ୍ୱିନୀଙ୍କୁ ପୁରସ୍କୃତ କରିଥିଲେ। ପ୍ରତିଷ୍ଠାତା ଆଇନଜୀବୀ ଦେବେନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ସୌଭାଗିନୀ ରାୟଙ୍କୁ 'ଜାତୀୟ ଜୟଦେବ ସମ୍ମାନ'



ଜଗତସିଂହପୁର,୨୮।୪(ସମିସ): ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ କୃତି ପ୍ରଧାନ ଶିକ୍ଷୟିତ୍ରୀ ତଥା ସୁଲେଖିକା ସୌଭାଗିନୀ ରାୟ "ଜାତୀୟ ଜୟଦେବ ସମ୍ମାନ' ଲାଭ କରିଛନ୍ତି। ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା ପକ୍ଷରୁ କଟକ କଳାବିକାଶ କେନ୍ଦ୍ରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରତିଭା ପୂଜା ଓ ସମ୍ବର୍ଦ୍ଧନା ଉତ୍ସବରେ ତାଙ୍କୁ ଏହି ସମ୍ମାନ ମିଳିଛି। ଏହି ଉତ୍ସବରେ ଜାତୀୟ ମାନବ ଅଧିକାର କମିଶନର ସଦସ୍ୟ ନ୍ୟାୟମୂର୍ତ୍ତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ, ପ୍ରାକ୍ତନ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ବିଶିଷ୍ଟ ସାହିତ୍ୟିକ ଡ. ନଟବର ଶତପଥୀ, ଯାଜପୁର ସାଂସଦ ରବୀନ୍ଦ୍ର ନାଥ ବେହେରା ଓ ଅନୁଷ୍ଠାନର ଅଧ୍ୟକ୍ଷ କଳାଭୂଷଣ ଡ. ପ୍ରଶାନ୍ତ କୁମାର କର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶ୍ରୀମତୀ ରାୟଙ୍କୁ ଫଳକ, ଉପଢୌକନ, ମାନପତ୍ର, ପଦକ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଛନ୍ତି। ସୂଚନାଯୋଗ୍ୟ ଶ୍ରୀମତୀ ରାୟ ଶିଶୁ ସାହିତ୍ୟ, ବିଜ୍ଞାନ ସାହିତ୍ୟ, ଆଧ୍ୟାତ୍ମିକ ସାହିତ୍ୟ, ପରିବେଶ ସାହିତ୍ୟ, ଜୀବନୀ ସାହିତ୍ୟ ଆଧାରିତ ପ୍ରାୟ ଏକାଅଶୀ ଖଣ୍ଡ ପୁସ୍ତକ ରଚନା କରିଛନ୍ତି। ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସେ ଓଡ଼ିଶା ବିଜ୍ଞାନ ଏକାଡେମୀ, ଉତ୍କଳ ସାହିତ୍ୟ ସମାଜ, ବିଜ୍ଞାନ ପ୍ରଚାର ସମିତି, ଲେଖକ ସହଯୋଗ ସମବାୟ ସମିତି, କେଳିତୋଳ କଲ୍‌ଚରାଲ୍ ଏକାଡ଼େମୀ, ଯଶୋବନ୍ତ ସାହିତ୍ୟ ସଂସ୍କୃତି ପରିଷଦ, ବଟଶ୍ରୀକ୍ଷେତ୍ର ଚାରିଟେବୁଲ୍ ଟ୍ରଷ୍ଟ, ଗୁରୁକୃପା ଚାରିଟେବୁଲ୍ ଟ୍ରଷ୍ଟ, ରେବାରାୟ ଫାଉଣ୍ଡେସନ୍ ଓ ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦ ଆଦି ବହୁ ଅନୁଷ୍ଠାନରୁ ପୁରସ୍କାର, ସମ୍ମାନ ଓ ସମ୍ବର୍ଦ୍ଧନା ଲାଭ କରିଛନ୍ତି।

# ଯୁବ ଯାଦବ ମହାସଭାର ସାଂଗଠନିକ ବୈଠକ

ବାଲିକୁଦା,୨୮।୪(ସମିସ): ବାଲିକୁଦା ବ୍ଲକ ଅନ୍ତର୍ଗତ ଗରାମ ପଞ୍ଚାୟତର ମାଧୁରୀ ବାବାଙ୍କ ପୀଠ ଚମ୍ପାବାଲି ମଠ ପରିସରରେ ବାଲିକୁଦା ବ୍ଲକ ଯୁବ ଯାଦବ ମହାସଭାର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସାଂଗଠନିକ ବୈଠକରେ ଉତ୍କଳ ଯାଦବ ମହାସଭାର ସମ୍ପାଦକ ତଥା ଜଗତସିଂହପୁର ଜିଲା ପର୍ଯ୍ୟବେକ୍ଷକ ତୀର୍ଥବାସୀ ବେହେରା, ଉତ୍କଳ ଯାଦବ ମହାସଭାର ଯୁଗ୍ମ ସମ୍ପାଦକ ତଥା ବାଲିକୁଦା ବ୍ଲକ ଯାଦବ ମହାସଭାର ସଂଗଠନ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ବେହେରା, ୪୨ ମୌଜା ଯାଦବ ମହାସଭାର ସମ୍ପାଦକ ଲକ୍ଷ୍ମୀଧର ବେହେରା, ଯୁବ ଯାଦବ ମହାସଭାର ହେମନ୍ତ କୁମାର ଦାସ, ଜିତେନ୍ଦ୍ର କୁମାର ବେହେରା, ବିଶ୍ୱନାଥ ପରିଡ଼ା, ସୌମେନ୍ଦ୍ର କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଏହା ସହିତ ବାଲିକୁଦା ବ୍ଲକରେ ସମସ୍ତ କାଠି ଲଉଡ଼ି ଭାଇମାନଙ୍କୁ ନେଇ ଉତ୍କଳ ଯାଦବ ମହାସଭା ଲଉଡ଼ି ନୃତ୍ୟ ପରିଷଦ ଗଠନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ହେମନ୍ତ ଦାସ, ଜିତେନ୍ଦ୍ର ବେହେରା, ବିଶ୍ୱନାଥ ପରିଡ଼ା, ସୌମେନ୍ଦ୍ର ଦାସ, ସାଗର ପରିଡ଼ା, ନିରଞ୍ଜନ ଦାସ, ରବୀନ୍ଦ୍ର ଦାସ, ସୁବାସ ଚନ୍ଦ୍ର ଦାସ, ବିକାଶ କୁମାର ଦାସ, ଦୋଳ ଗୋବିନ୍ଦ ପରିଡ଼ା, ମନୋଜ ଦାସ, ହରି ଦାସ, ଆଦିକନ୍ଦ ଦାସ, ନାଗୁ ପରିଡ଼ା, ପୀତବାସ ଦାସ, ମନୋଜ ମାହର, ତପନ କୁମାର ଦାସ, ଗାନ୍ଧୀ ଜେନା, ଅମରେଶ୍ୱର ଦାସ, ରବୀନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ଆସନ୍ତା ମେ' ୨୯ ତାରିଖ ବାଲିକୁଦା ବ୍ଲକ ଯାଦବ ମହାସଭାର ପ୍ରତିଷ୍ଠା ଦିବସ ଅବସରରେ ବାଲିକୁଦା ବ୍ଲକ ଯୁବ ଯାଦବ ମହାସଭା ଓ ଉତ୍କଳ ଯାଦବ ମହାସଭାର ପୂର୍ଣ୍ଣାଙ୍ଗ କାର୍ଯ୍ୟକାରିଣୀ କମିଟିର ବୈଠକ ଅନୁଷ୍ଠିତ ହେବ। ବାଲିକୁଦା ବ୍ଲକ ରେ ବ୍ଲକ ସ୍ତରୀୟ ବାଲିକୁଦା ବ୍ଲକ ଦୁଗ୍ଧ ଓ ଦୁଗ୍ଧ ଦ୍ରବ୍ୟଜାତ ବ୍ୟବସାୟୀ ସଂଘ ଗଠନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

**ବନ ବିଭାଗର ଦାୟିତ୍ୱହୀନତା**

# ଯତ୍ନ ଅଭାବରୁ ମରିବାକୁ ବସିଲାଣି ଗଛ

ରାଜକନିକା,୨୮।୪(ସମିସ):



ରାଜକନିକାର ପଶ୍ଚିମ କନିକାର ପେଗରପଡ଼ା-ମାନପୁର ରାସ୍ତାର କାଏମାଦୋମଣ୍ଡାଠାରୁ ଗୁଣ୍ଡଳ ଓ ଗୁଣ୍ଡଳଠାରୁ ମାନପୁର ଆରଡି ରାସ୍ତାର ଉଭୟ ପାଖରେ ବନ ବିଭାଗ ପକ୍ଷରୁ ଲଗାଯାଇଥିବା ଗଛ ଏବେଳ ମରିବାକୁ ବସିଲାଣି। ଦୈନିକ ବହୁ ଗଛ ନଷ୍ଟ ହେବାରେ ଲାଗିଛି। ବନ ବିଭାଗ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଲଗାଯାଇଥିବା ଏହି ଗଛ ୫ରୁ ୬ ଫୁଟ ଉଚ୍ଚତାର ହୋଇ ଥିବାବେଳେ ଖରାଦିନିଆ ଝଡ଼ ହେଉ ବା ଅହରହ ପବନରେ ଦୋହଲି ଗଛର ଅଗ ମାଟିରେ ଲାଗୁଛି। ଫଳରେ ବୁଲା ଗୋରୁଗାଈ ତାହାକୁ ମୋଡି ଖାଇବାରେ ଲାଗିଛନ୍ତି। ଗଛ ଚାରିପଟେ ଦିଆଯାଇଥିବା ନେଟ ଜାଲ ତଳକୁ ଖସି ପଡିବା ପରେ ଗଛକୁ ଛିଡ଼ା କରିବାକୁ କିଳା ଆବଶ୍ୟକ ହେଉଥିବାବେଳେ ବନବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଚାରିବର୍ଷ ମଧ୍ୟରେ ଲଗାଯାଇଥିବା ଏସବୁ ଗଛ ରକ୍ଷଣାବେକ୍ଷଣ ପାଇଁ ବନ ବିଭାଗର ବର୍ତ୍ତମାନର କର୍ମଚାରୀ କୌଣସି ବ୍ୟବସ୍ଥା ନ କରିବା ଅତ୍ୟନ୍ତ ସଂଘାତ ସାବ୍ୟସ୍ତ ହୋଇଛି। ରାଜନଗର ବନଖଣ୍ଡର କନିକା ରେଞ୍ଜର ଏହି ଗଛ ସୁରକ୍ଷା ପାଇଁ ତୁରନ୍ତ ବ୍ୟବସ୍ଥା ଗ୍ରହଣ କରା ନ ଗଲେ ସବୁ ଗଛ ଏହି ଖରାଦିନେ ହିଁ ନଷ୍ଟ ହେବା ଆଶଙ୍କା ପ୍ରକାଶ ପାଇଛି।

# ଜନଗଣନା ପାଇଁ ଜିଲ୍ଲାସ୍ତରୀୟ ସଚେତନତା ବୈଠକ

କେନ୍ଦ୍ରାପଡ଼ା,୨୮।୪(ସମିସ): ଜନଗଣନା-୨୦୨୭କୁ ସୁଚାରୁ ଓ ସଫଳତାର ସହିତ ସମ୍ପନ୍ନ କରିବା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ସଚେତନତା ଓ ଜାଗୃକତା ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଓସ୍ୱାନ ହଲ୍‌ରେ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଜନଗଣନା ଅଧିକାରୀ ନବକ୍ରିଷ୍ଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜନଗଣନାର ଗୁରୁତ୍ୱ, ଏହାର ଉଦ୍ଦେଶ୍ୟ ଓ ପ୍ରକ୍ରିୟା ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଉଲ୍ଲେଖ କରିଥିଲେ, ଜନଗଣନା ଦେଶର ଯୋଜନାମୂଳକ ଉନ୍ନତି ପାଇଁ ଏକ ମୂଳ ଭିତ୍ତି ତଥ୍ୟ ଯୋଗାଇଥାଏ, ଯାହା ଉପରେ ଆଗାମୀ ନୀତି ନିର୍ଦ୍ଧାରଣ କରାଯାଇଥାଏ। ସେହିପରି ସଠିକ ଓ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ ଅତ୍ୟନ୍ତ ଆବଶ୍ୟକ। ଅତିରିକ୍ତ ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀ, କ୍ଷେତ୍ର କର୍ମଚାରୀ ଓ ଅନ୍ୟାନ୍ୟ ହିତାଧିକାରୀଙ୍କୁ ନିଜ ନିଜ ଅଞ୍ଚଳରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଚଳାଇବାକୁ ପରାମର୍ଶ ଦେଇଥିଲେ। ସାଧାରଣ ଲୋକଙ୍କୁ ଜନଗଣନାର ଗୁରୁତ୍ୱ, ତାଙ୍କ ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ସଚେତନ କରିବା ସହିତ ସଠିକ ତଥ୍ୟ ଯୋଗାଇବାକୁ ପ୍ରୋତ୍ସାହନ ଦେବା ଉପରେ ବିଶେଷ ଜୋର ଦିଆଯାଇଥିଲା। ଏଥିସହିତ ଜନଗଣନା ଅଧିକାରୀ କେଉଁ କେଉଁ ଦିଗ ପ୍ରତି ଧ୍ୟାନ ଦେଇ କାର୍ଯ୍ୟ କରିବେ, ସେ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ଅନଲାଇନ ମାଧ୍ୟମରେ ଜିଲ୍ଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳର ବିଡିଓ, ତହସିଲଦାର, ପୌରାଧିକାରୀ ସମେତ ଜନପ୍ରତିନିଧି, ବିଭିନ୍ନ ବର୍ଗର ଜନସାଧାରଣ ଯୋଗ ଦେଇଥିଲେ। ଏହି ବୈଠକରେ କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି ଅଧ୍ୟକ୍ଷା ସରିତା ସାହୁ, କେନ୍ଦ୍ରାପଡ଼ା ତହସିଲଦାର କୁଇନି ଜେନା, ଜିଲ୍ଲା ସୂଚନା ଓ ବିଜ୍ଞାନ ଅଧିକାରୀ ଶୁଭେନ୍ଦୁ ଶେଖର ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା, ଡେପୁଟି କଲେକ୍ଟର ସରୋଜ ବେହେରା, ଶୁଭଦର୍ଶିନୀ ଦାସ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀରମୋହନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ମହାଜିତେଶ୍ୱର ମହାଦେବଙ୍କ ବାର୍ଷିକ ଉତ୍ସବ

ଡେରାବିଶ,୨୮।୪(ସମିସ): ଚାନ୍ଦୋଳ ପଞ୍ଚାୟତ ନୂଆପଡ଼ା ନିକଟସ୍ଥ କୁସୁନୁପୁର ଗ୍ରାମର ଆରାଧ୍ୟା ମା' ଦକ୍ଷିଣେଶ୍ୱରୀଙ୍କ ପୀଠସ୍ଥ ମହାଜିତେଶ୍ୱର ମହାଦେବଙ୍କ ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଗତ ସୋମବାର ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞର ଶନିବାର ପୂର୍ଣ୍ଣାହୁତି ହୋଇଛି। ଏହି ଯଜ୍ଞରେ କର୍ତ୍ତା ଭାବେ ସନ୍ତୋଷ ବରାଳ ଓ ପତ୍ନୀ କ୍ଷଣପ୍ରଭା ବରାଳ ଦାୟିତ୍ୱ ନିର୍ବାହ କରିଥିବାବେଳେ ଆଚାର୍ଯ୍ୟ ପ୍ରଶାନ୍ତ ଦାସଙ୍କ ସମେତ ପଣ୍ଡିତ ମଣ୍ଡଳୀ ଯଜ୍ଞ କାର୍ଯ୍ୟ ସମାପନ କରିଥିଲେ। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଯଜ୍ଞାନୁଷ୍ଠାନରେ କୁସୁନୁପୁର ଗ୍ରାମ ସମେତ ସ୍ଥାନୀୟ ଭରତପଡ଼ା, ପନାପଡ଼ା, ନୂଆପଡ଼ା ଓ ଓରଗଳା ଗ୍ରାମର ଲୋକ ଯୋଗଦେଇ ମହାଜିତେଶ୍ୱରଙ୍କ ଆଶିଷ ଭିକ୍ଷା କରିଥିଲେ। ଅଜୟ ବରାଳ, ସୌଭାଗ୍ୟ ବରାଳ, ନିକୁଞ୍ଜ ବରାଳ, ରମେଶ ବରାଳ, ବିମାନ ବିହାରୀ ବରାଳ, ସମୀର ସାମଲ, ଆଶିଷ ବରାଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଇନ୍ଦୁମତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ରାଜନଗର,୨୮।୪(ସମିସ): ରାଜନଗର ବ୍ଲକ୍ ଅନ୍ତର୍ଗତ କୁରୁଣ୍ଟି ପଞ୍ଚାୟତର ନୋଧାବସନ୍ତସ୍ଥ ଇନ୍ଦୁମତୀ ଶିଶୁ ବିଦ୍ୟାମନ୍ଦିରର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ଅନାଦୀ ଚରଣ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅଷ୍ଟଶମ୍ଭୁ ମହାବିଦ୍ୟାଳୟର ଅଧ୍ୟକ୍ଷ ସର୍ବେଶ୍ୱର ଲେଙ୍କା, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ବିଜୟ ଜେନା, ସମ୍ମାନିତ ଅତିଥି ଭାବେ କୈଳାସ ରାଉତ, ସଭାପତି ଗଙ୍ଗାଧର ଷଣ୍ଢ, ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା ଟ୍ରଷ୍ଟି ଅକ୍ଷୟ କୁମାର ମିଶ୍ର, ପ୍ରଧାନ ପଣ୍ଡିତ କୃଷ୍ଣଚନ୍ଦ୍ର ଷଡ଼ଙ୍ଗୀ, ଶିକ୍ଷାବିତ ଗଣେଶ୍ୱର ନାୟକ, ମହେଶ୍ୱର ରାଉତ, ସମ୍ପାଦିକା ମୋନାଲିସା ଜେନା, କୈଳାସ ଚନ୍ଦ୍ର ରାଉତ, ବ୍ରହ୍ମାନନ୍ଦ ରାଉତ, ଦୁର୍ଯ୍ୟୋଧନ ଦାସ, ଦେବେନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ଆଜିର ଶିଶୁ ଆମ ଭବିଷ୍ୟତ ପିଢ଼ିର ସ୍ୱର୍ଣ୍ଣିମ ସ୍ୱାକ୍ଷର ଓ ସେମାନଙ୍କ ବୌଦ୍ଧିକ ବିକାଶ କ୍ଷେତ୍ରରେ ଶିଶୁ ବିଦ୍ୟାମନ୍ଦିରର ଗୁରୁ ପରମ୍ପରା ସହାୟକ ହେବ। ପ୍ରତ୍ୟେକ ମାଆ ଏ କ୍ଷେତ୍ରରେ ବଳିଷ୍ଠ ଭୂମିକା ଗ୍ରହଣ କଲେ ଆଗାମୀ କାଲି ପାଇଁ ଆଜିର ଶିଶୁଟିଏ ଉତ୍ତମ ନାଗରିକ ହୋଇପାରିବ ବୋଲି କହିଥିଲେ। କ୍ରୀଡ଼ା, ନୃତ୍ୟ, ସଙ୍ଗୀତ, ଏକକ ଅଭିନୟ ଓ ମ୍ୟୁଜିକ୍ ଚେୟାର ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ମୁଖ୍ୟ ଗୋବିନ୍ଦ ଜେନା, ପ୍ରଫୁଲ୍ଲ ପ୍ରଧାନ, ରବୀନ୍ଦ୍ର ବିଶ୍ୱାଳ, ପ୍ରଦୀପ ପାଲ, ପ୍ରସନ୍ନ ଦାସ ଓ ଗୁରୁଜୀ, ଗୁରୁମା ପରିଚାଳନା କରିଥିଲେ। ଶେଷରେ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରତିଷ୍ଠାତା ଇନ୍ଦୁମତି ଜେନାଙ୍କ ବିୟୋଗରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ବିଦ୍ୟାମନ୍ଦିରର ସମସ୍ତ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ଉପସ୍ଥିତ ଥିଲେ।

# ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ

ଜଗତସିଂହପୁର,୨୮।୪(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ଓଡିଶାଗଡ଼ ସ୍ଥିତ ପ୍ରଫୁଲ ପାଠାଗାର ଠାରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ୧୩୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ପାଠାଗାରର ସଭାପତି ତଥା ଶିକ୍ଷାବିତ ରବୀନ୍ଦ୍ରନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ ବଂଶୀଧର ଆଚାର୍ଯ୍ୟ ଏବଂ ରାଜନୀତି ବିଜ୍ଞାନ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷାବିତ ସତ୍ୟବାଦୀ ଦାସ, ବିଭୁତି ଭୂଷଣ ଲେଙ୍କା, ସଞ୍ଜୟ କୁମାର ସାମନ୍ତସିଂହାର ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲ, ବିଦ୍ୟାଧରପୁରଠାରେ ଧାନ ଗବେଷଣା କେନ୍ଦ୍ର ପ୍ରତିଷ୍ଠାରେ ସ୍ୱର୍ଗତ କୃଷ୍ଣଚନ୍ଦ୍ର ଗଜପତିଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା ବୋଲି କହିଥିଲେ। ପାଠାଗାରର ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଥାନା ଛକରେ ଜଳଛତ୍ର




ପାରାଦୀପ,୨୮।୪(ସମିସ): ବନ୍ଦରନଗରୀ ପାରାଦୀପର ପଥଚାରୀ, ଶ୍ରମିକ ଓ ପୁଲିସ ଷ୍ଟେସନକୁ ଆସୁଥିବା ଲୋକମାନଙ୍କ ତୃଷ୍ଣା ମେଣ୍ଟାଇବା ପାଇଁ ପାରାଦୀପ ଆଦର୍ଶ ଥାନା ତରଫରୁ ଏକ ଜଳଛତ୍ର କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଜିଙ୍କ୍ୟ ବାବୁରାଓ ମାଣେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପାରାଦୀପ ଆଦର୍ଶ ଥାନା ଅଧିକାରିଣୀ ବବିତା ଦେହୁରୀଙ୍କ ସମେତ ଥାନାର ସମସ୍ତ ପୁଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ବାଟରେ ଯାଉଥିବା ପଥଚାରୀମାନଙ୍କୁ ଦହିପାଣି ବଣ୍ଟନ କରିଥିଲେ। କେବଳ ଆଦର୍ଶ ଥାନା ନୁହେଁ, ପୁଲିସ କଲ୍ୟାଣ ସମିତି ତରଫରୁ ପାରାଦୀପରେ ରହିଥିବା ଅଭୟଚାନ୍ଦପୁର ଥାନା, ଲକ୍‌ଥାନା ସହିତ ଅନ୍ୟ ପୁଲିସ ଷ୍ଟେସନ ଗୁଡିକରେ ମଧ୍ୟ ଅନୁରୂପ ଭାବରେ ଜଳଛତ୍ର ଖୋଲାଯିବା ସହିତ ପ୍ରଚଣ୍ଡ ଗ୍ରୀଷ୍ମ ଲହରୀ ସମୟରେ ପଥଚାରୀ ମାନଙ୍କ ତଷ୍ଣା ମେଣ୍ଟାଇବା ପାଇଁ ପାରାଦୀପ ପୁଲିସ ତରଫରୁ ଜଳଦାନ କାର୍ଯ୍ୟକ୍ରମ ଜାରି ରହିବ ବୋଲି କହିଛନ୍ତି ଏଏସ୍‌ପି।

# ଉଇଜଡମ୍ ଗ୍ରୁପର ସାଧାରଣ ଅଧିବେଶନ

କୁଜଙ୍ଗ,୨୮।୪(ସମିସ): ଜଗତସିଂହପୁର ଉଇଜଡମ୍ ଗ୍ରୁପ ଆନୁକୂଲ୍ୟରେ କୁଜଙ୍ଗ ବ୍ଲକ ଅନ୍ତର୍ଗତ ରାହାମା ସ୍ଥିତ ମଦନମୋହନ ମଠ ପରିସରରେ ପ୍ରାକ୍ତନ ଯୁଗ୍ମ ଶିକ୍ଷା ନିର୍ଦ୍ଦେଶକ ଡ. ଅଭୟ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଷଷ୍ଠ ସାଧାରଣ ଅଧିବେଶନ ଓ ବନ୍ଧୁମିଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନିକଟସ୍ଥ ସରକାରୀ ପ୍ରାଥମିକ ବିଦ୍ୟାଳୟ ସାଇଲୋ ପରିସରରେ ଗ୍ରୁପ ତରଫରୁ ବୃକ୍ଷରୋପଣ କରାଯାଇଥଲା। ଗ୍ରୁପର ସହ ସମ୍ପାଦକ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅଶୋକ କୁମାର ସ୍ୱାଇଁ ଅତିଥ ଠମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଦିବଂଗତ ପ୍ରାକ୍ତନ ମଣ୍ଡଳ ଶିକ୍ଷା ଅଧିକାରୀ ଅକ୍ଷୟ କୁମାର ବେହେରା, ପୂର୍ବତନ ବିଦ୍ୟାଳୟ ଉପପରିଦର୍ଶକ ପ୍ରଦୀପ୍ତ କୁମାର ସିଂ, ପ୍ରଧାନ ଶିକ୍ଷକ ଅଶୋକ କୁମାର ସ୍ୱାଇଁଙ୍କର ଅମରଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପାର୍ଥନା କରାଯାଇଥିଲା। ଆବାହକ ପ୍ରାକ୍ତନ ମଣ୍ଡଳ ସହ ଶିକ୍ଷା ଅଧିକାରୀ ବାମଦେବ ସ୍ୱାଇଁ ସଭାର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସଭାରେ ରାଜ୍ୟ ଟିଜି ଶିକ୍ଷକ ସଂଘ ସମ୍ପାଦକ ଜାକିର ହୁସେନ, ପ୍ରାକ୍ତନ ମଣ୍ଡଳ ଶିକ୍ଷା ଅଧିକାରୀ ବାଇଧର ତ୍ରିପାଠୀ, ଭାବଗ୍ରାହୀ ଭୋଳ, ବିଜୟ କୁମାର ସ୍ୱାଇଁ, ପ୍ରାକ୍ତନ ସହ ଶିକ୍ଷା ଅଧିକାରୀ ସୁକାନ୍ତ କୁମାର ରାଉଳ, ରାମଚନ୍ଦ୍ର ସ୍ୱାଇଁ, ପବିତ୍ର କୁମାର ସାଉ, ସରୋଜିନୀ ଦେବୀ, ସଂଗଠନ ସମ୍ପାଦକ ରବୀନ୍ଦ୍ର କୁମାର ସ୍ୱାଇଁ, ବିଚିତ୍ରାନନ୍ଦ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିଜୟ କୁମାର ସ୍ୱାଇଁ ପୂର୍ବ ସଭାର ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ସଂଜୀବ କୁମାର ଦାଶ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗୋବିନ୍ଦ ଚନ୍ଦ୍ର ମିଶ୍ର, ଗଙ୍ଗାଧର ବିଶ୍ୱାଳ, ଅଶୋକ କୁମାର ପାଲ, ବାଦଲ କୁମାର ଦାସ,ଅଭୟ କୁମାର ବାରିକ, ରଶ୍ମିରଞ୍ଜନ ମଲ୍ଲିକ ପରିଚାଳନା କରିଥିଲେ। ଗ୍ରୁପର ବ୍ଲକ ସଂଯୋଜକ ଅନାଦି ଚରଣ ଖଟୁଆ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେପିର ମହିଳା ଜନ ଆକ୍ରୋଶ ସମାବେଶ




ଜଗତସିଂହପୁର,୨୮।୪(ସମିସ): ଜଗତସିଂହପୁର ଜିଲ୍ଲା ବିଜେପି ପକ୍ଷରୁ ସ୍ଥାନୀୟ ଥାନା ଛକଠାରେ ଜିଲ୍ଲା ସଭାପତି ପ୍ରତାପ କୁମାର ମିଶ୍ରଙ୍କ ସଭାପତିତ୍ୱରେ ମହିଳା ଜନ ଆକ୍ରୋଶ ଶୋଭାଯାତ୍ରା ଓ ସଭା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା କ୍ରିଷ୍ଣା ମହାନ୍ତିଙ୍କ ମଞ୍ଚ ପରିଚାଳନାରେ ଆୟୋଜିତ ଏହି ସମାବେଶରେ ସାଂସଦ ବିଭୁ ପ୍ରସାଦ ତରାଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ପ୍ରଭାରୀ ସୁବାସ ଜେନା, ରାଜ୍ୟ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ସତ୍ୟବ୍ରତ ମହାପାତ୍ର, ସତ୍ୟସାରଥି ମହାନ୍ତି, ବାଲିକୁଦା ନେତା ସଞ୍ଜୟ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ରଶ୍ମିରେଖା ଦାସ ପ୍ରମୁଖ ମଧ୍ୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସଭାରେ ଜିଲ୍ଲା ଉପସଭାପତି ଦୀପ୍ତିରେଖା ନାୟକ, ଗୀତାଞ୍ଜଳି ସାହୁ, ଜିଲ୍ଲା ସମ୍ପାଦିକା ନିରୁପମା ସ୍ୱାଇଁ, ନାରୀ ନେତ୍ରୀ କଳ୍ପନା ମହାନ୍ତି, ସର୍ଜନ ସିଂହ, ଶୁଚିସ୍ମିତା ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି ତପନ ତ୍ରିପାଠୀ, ଲକ୍ଷ୍ମୀକାନ୍ତ ସ୍ୱାଇଁ, ବିନୋଦ ମହାନ୍ତି, ସୁବାସ ଜେନା, ଜିଲ୍ଲା ସାଧାରଣ ସମ୍ପାଦକ ଗଣେଶ ପ୍ରସାଦ ମହାନ୍ତି, ଜଗତସିଂହପୁର ମ୍ୟୁନିସିପାଲିଟି ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ, ଜିଲ୍ଲା ସମ୍ପାଦକ ଚିତ୍ତରଞ୍ଜନ ପଣ୍ଡା, ଜିଲ୍ଲା ସୋସିଆଲ ମିଡିଆ ସଂଯୋଜକ ପ୍ରଜ୍ଞା ପ୍ରଣବ ଆଚାର୍ଯ୍ୟ, ଜଗତସିଂହପୁର ବ୍ଲକ ସାଂସଦ ପ୍ରତିନିଧି ଶିଶିର ପାତ୍ର ଓ ନଗର ପ୍ରତିନିଧି ସମୀର ରଞ୍ଜନ ନାୟକ ଉପସ୍ଥିତ ଥିଲେ। ପ୍ରଥମେ ଏହି ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡ଼ିଆ ନିକଟରୁ ବାହାରି ଟାଉନ ହଲ ମାର୍ଗ ଦେଇ ଥାନା ଛକରେ ପହଞ୍ଚିଥିଲା। ରାଲି ସମୟରେ କଳା ପତାକା ଓ ବିଭିନ୍ନ ପ୍ରତୀକାତ୍ମକ ସାମଗ୍ରୀ ନେଇ ମହିଳାମାନେ ବିରୋଧ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମର ଶେଷରେ ପ୍ରତୀକାତ୍ମକ ଭାବେ କୁଶପୁତ୍ତଳିକା ଦାହ କରାଯାଇଥିଲା।



**ଯମୁନାଙ୍କ ପାଇଁ ଆବାସ ସାତସପନ**

# ଭଙ୍ଗା କୁଡ଼ିଆରେ ବିତୁଛି ଜୀବନ

ପଞ୍ଚୁପାଣ୍ଡବ,୨୮।୪(ସମିସ):

ରାଜ୍ୟ ଓ କେନ୍ଦ୍ର ସରକାର ଗରିବ ଲୋକଙ୍କ ପାଇଁ ବିଭିନ୍ନ ଯୋଜନା କରୁଥିବାବେଳେ ଏ ଯୋଜନା ଯୋଗ୍ୟ ହିତାଧିକାରୀ ପାଇବାରୁ ବଞ୍ଚିତ ହେଉଛନ୍ତି। ୮୦ ପ୍ରତିଶତ ବୃଦ୍ଧାବୃଦ୍ଧ, ଦିବ୍ୟାଙ୍ଗଙ୍କୁ ମାସକୁ ତିନି ହଜାର ପାଞ୍ଚଶହ ଟଙ୍କା ଦେବା ଓ ଭୂମିହିନ ଲୋକଙ୍କୁ ଜମି ଦେବା ସହ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଗୃହ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇ ବିଫଳ ହେବା ଅଭିଯୋଗ ହେଉଛି। ନୂଆ ସରକାରକୁ ଦୁଇବର୍ଷ ପୂରିଥିଲେ ମଧ ଯୋଗ୍ୟ ହିତାଧିକାରୀ ଆବାସ ପାଇବାରୁ ବିଫଳ ହୋଇଛନ୍ତି। ପ୍ରଶାସନିକ ଅଧିକାରୀ ତଦନ୍ତ ପରେ ତଦନ୍ତ କରୁଥିବାବେଳେ ଦିନ ଗଡି ଚାଲିଛି। କିନ୍ତୁ ଯୋଗ୍ୟ ହିତାଧିକାରୀ ଆବାସ ଗୃହ ପାଇବାରୁ ବଞ୍ଚିତ ହେଉଛନ୍ତି। ଏମିତି ଦେଖିବାକୁ ମିଳୁଛି ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ରାଏତୁଣ୍ଡି ଗ୍ରାମରେ।

ପରୀକ୍ଷିତ ଦଲାଇଙ୍କ ଝିଅ ଯମୁନା ଦଲାଇ (୫୫) ରାଏତୁଣ୍ଡି ଗ୍ରାମରେ ରହି ବିବାହ କରିଥିଲେ। ତେବେ ଝିଅ ଜନ୍ମ ହେବା ଆଗରୁ ସ୍ୱାମୀ ଛାଡ଼ିଦେଇ କେଉଁ ଆଡେ ଯାଇ ଫେରି ନ ଥିଲେ। ଗ୍ରାମବାସୀଙ୍କ ସାହାଯ୍ୟରେ ଝିଅକୁ ବାହାଘର କରିଛନ୍ତି। ଯମୁନାଙ୍କ ବାପା ତାଙ୍କ ଶଶୁର ଘରେ ଘରଜ୍ୱାଇଁ ଭାବେ ରହିଥିଲେ। ବାପାଙ୍କ ନାମରେ ଜମି ନ ଥିବାବେଳେ ଯମୁନା ବି ଭୂମିହୀନ ଅବସ୍ଥାରେ ରହିଆସୁଛନ୍ତି। ମାମୁଁଘର ପରିବାର ବାଖରାଏ ଘର କରିବା ପାଇଁ ଜାଗା ଦେଇଥିବାରୁ ସେ ଏକ ମାଟି କାନ୍ଥରେ ଛଣ ଛପର ଘର କରି ରହିଥିବା ଦେଖିବାକୁ ମିଳୁଛି। ଅର୍ଥ ଅଭାବରୁ ଘର ଛପର ହୋଇପାରୁନାହିଁ। ପୂର୍ବ ସରକାର ସମୟରେ ଏକ ହଜାର ଭତ୍ତା ଟଙ୍କା ପାଉଥିଲେ। ସେ ଟଙ୍କା ଔଷଧ କିଣାରେ ସରିଯାଉଛି। ଏହି ଗ୍ରାମରେ ରହି ଭୋଟ ଦେଉଥିବାବେଳେ ଭତ୍ତା ପାଉଛନ୍ତି। କିନ୍ତୁ ଘର ପାଇଁ ସରପଞ୍ଚଙ୍କଠାରୁ ବ୍ଲକ ପ୍ରଶାସନକୁ ଗୁହାରି କରିଥିଲେ ସୁଦ୍ଧା କେହି କର୍ଣ୍ଣପାତ କରି ନ ଥିବା ଅଭିଯୋଗ ହେଉଛି। ଏ ବିଷୟରେ ପଞ୍ଚାୟତ ପିଇଓ ଗୋବିନ୍ଦ ଚନ୍ଦ୍ର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ତାଙ୍କର ଜମି ସମସ୍ୟା ନେଇ ଆବାସ ଗୃହ ପାଇଁ ବଞ୍ଚିତ ହେଉଛନ୍ତି। ପ୍ରଶାସନ ପକ୍ଷରୁ ଯମୁନାଙ୍କୁ ଜମି ଯୋଗାଇ ଦେଲେ ସେ ଆବାସ ଗୃହ ପାଇବା ପାଇଁ ଯୋଗ୍ୟ ହେବେ। ଏହାର ତଦନ୍ତ କରାଯାଇ ପ୍ରଶାସନ ଜମି ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

